# ଆଧୁନିକ ଓଡ଼ିଆ କାବ୍ୟ କବିତାରେ ଜୀବନ ଚିନ୍ତା

ସଂକଳକ
ଡକ୍ଟର ଶରତ ଚନ୍ଦ୍ର ରଥ
ଶ୍ରୀମତୀ ସତ୍ୟଶ୍ରୀ ରଥ

ଆଧୁନିକ ଓଡ଼ିଆ କାବ୍ୟ କବିତାରେ  ଜୀବନ ଚିନ୍ତା

**ସଂକଳକ : ଡକ୍ଟର ଶରତ ଚନ୍ଦ୍ର ରଥ,** ପ୍ରାକ୍ତନ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର, ମୋ : ୯୪୩୭୭୫୬୨୪୦

**ଶ୍ରୀମତୀ ସତ୍ୟଶ୍ରୀ ରଥ**
କେଦାରଗୌରୀ ଆପାର୍ଟମେଣ୍ଟ,
ଭୁବନେଶ୍ୱର-୭୫୧୦୦୨

ପ୍ରଥମ ପ୍ରକାଶ : ୨୦୨୫

ପ୍ରଚ୍ଛଦ ଶିଳ୍ପୀ : ବିଭୁପ୍ରସୂନ, ଦିବ୍ୟବିହାର, ଭୁବନେଶ୍ୱର

ମୂଲ୍ୟ : ୧୦୦/- (ଏକଶତ ଟଙ୍କା ମାତ୍ର)

**ADHUNIKA ODIA KABYA KABITARE JEEBAN CHINTA**

Complied by
**Dr. Sarat Chandra Rath,** Retd. Prof, Utkal University, Vani vihar, Bhubaneswar, Mob : 9437756240
**Smt. Satyashree Rath**
Kedargouri Apartment,
Bhubaneswar-2
First Edition : 2025

Cover Design : Bibhu Prasuna, Divya Vihar,bhubanewar

Price : Rs.100/-(One hundred only)

ଦିବ୍ୟଜନନୀ ଶ୍ରୀମା ଓ

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କୁ

ପୁସ୍ତକଟି ସମର୍ପିତ ।

**ଡକ୍ଟର ଶରତ ଚନ୍ଦ୍ର ରଥ**
**ଶ୍ରୀମତୀ ସତ୍ୟଶ୍ରୀ ରଥ**

# ଆଗରୁ ପଦେ.....

ବାହାର ଜୀବନର ବିକାଶ ପାଇଁ ଭୌତିକ ବିଜ୍ଞାନର ଅବଦାନ ଅଭିନନ୍ଦନନୀୟ । ଏହା ଆମକୁ ଆକାଶରେ ପକ୍ଷୀ ପରି ଉଡ଼ାଇ ପାରିଛି, ମାଛ ପରି ପାଣିରେ ବୁଡ଼ାଇ ପାରିଛି ମାତ୍ର ଭିତର ଜୀବନ ପାଇଁ ବିଶେଷ କିଛି କରିପାରିନାହିଁ । କଥା କହିବାର କଳା ଶିଖାଇ ପାରିନାହିଁ, ସାନ ଓ ବଡ଼ମାନଙ୍କୁ ଯଥାଯଥ ବ୍ୟବହାର ଶିଖାଇ ପାରିନାହିଁ ଯାହା ଆଜିର ସବୁଠାରୁ ବଡ଼ ଆବଶ୍ୟକତା । ଦାମିକା ଖଟଟିଏ ଯୋଗାଇ ଦେଉଛି ମାତ୍ର ଭଲ ନିଦ ଯୋଗାଇ ପାରିନାହିଁ ।

ସାହିତ୍ୟ ଶିଖାଏ ବ□ିବାର କଳା, କ୍ରୋଧରେ ଜଳୁଥିବା ଅନ୍ତରକୁ ଶୀତଳ କରିପାରେ, ଅନୁତାପରେ ଜର୍ଜରିତ ମନରେ ଶାନ୍ତିର ପ୍ରଲେପ ମାଖି ଦେଇପାରେ । କବିମାନେ ଅର୍ଥାତ ସାହିତ୍ୟର ସ୍ରଷ୍ଟାମାନେ ସାଧାରଣ ମନ ଠାରୁ ଟିକିଏ ଅଧିକ ଉଚ୍ଚମନର ଅଧିକାରୀ ହୋଇଥାନ୍ତି । ସେମାନେ ପାଖାପାଖି ଉଚିତ ଅର୍ଥରେ ଶିକ୍ଷାଗୁରୁର ଭୂମିକା ମଧ୍ୟ ତୁଲାଇଥାନ୍ତି । ଆଧୁନିକ ଓଡ଼ିଆ କାବ୍ୟକବିତାକୁ ମନନ ପୂର୍ବକ କେତେଜଣ କବିଙ୍କର ମାର୍ଗଦର୍ଶନକୁ ଅନୁଶୀଳନ କରି କିଛିକିଛି ମଣିମୁକ୍ତା ସଂଗ୍ରହ କରାଯାଇଛି ଏହି ପୁସ୍ତକରେ ।

ଏକଥା କୁହାଯାଇପାରେ ଯେ, ବ୍ୟକ୍ତିଗତ ଜୀବନ ଓ ସାମାଜିକ ଜୀବନରେ ଭଲରେ ଚଳିବା ପାଇଁ ପୃଥିବୀର ବ□ମାନର ସର୍ବଶ୍ରେଷ୍ଠ ପାଠଟି ହେଉଛି ବ□ିବାର କଳା (Art of living) ଅର୍ଥାତ୍ ନିଜକୁ ଜାଣିବା ଏବଂ ଅନ୍ୟମାନଙ୍କୁ ଜାଣିବା, ନିଜ ସହିତ ନିଜେ ଚଳିପାରିବା ଏବଂ ଅନ୍ୟମାନଙ୍କ ସହିତ ଭଲରେ ଚଳିପାରିବା ।

ଏହି ପୁସ୍ତକର ପ୍ରଣୟନ ଦିଗରେ ପ୍ରେରଣା ପାଇଁ ସାହିତ୍ୟିକ ବନ୍ଧୁ ଅଭିରାମ ଦାସ, ପ୍ରବୋଧ କୁମାର ନନ୍ଦ, ଅରୁଣ କାନୁନ୍‌ଗୋ ଏବଂ ଭିକାରୀ

ଧଲଙ୍କୁ ସାଧୁବାଦ ଜଣାଉଛି । ପ୍ରେରଣା ଓ ଉତ୍ସାହ ନିମନ୍ତେ ବନ୍ଧୁ ମନୋଜ କୁମାର ଜେନା ଓ ବନ୍ଧୁ ବିଜୟ କୁମାର ମହାନ୍ତିଙ୍କୁ ସାଧୁବାଦ ଜଣାଉଛି । ପୁସ୍ତକରେ ସନ୍ନିବେଶିତ ଉକ୍ତିଗୁଡ଼ିକୁ ଯଥାଯଥ ଭାବରେ ସଜାଇଥିବାରୁ ସୁପ୍ରିୟା ଦାଶଙ୍କୁ ସାଧୁବାଦ ଜଣାଉଛି । ଉଦ୍ଧୃତି ସଂଗ୍ରହ କାର୍ଯ୍ୟରେ ସହାୟତା ନିମନ୍ତେ ମୋର ସହଧର୍ମିଣୀ ଶ୍ରୀମତୀ ସତ୍ୟଶ୍ରୀ ରଥଙ୍କୁ ଅନେକ ଅନେକ ଧନ୍ୟବାଦ ଜଣାଉଛି । ପ୍ରଚ୍ଛଦପଟ ପ୍ରସ୍ତୁତି ନିମନ୍ତେ ମୋର ଛାତ୍ର ବିଭୁ ପ୍ରସୂନଙ୍କୁ ଅନେକ ଶୁଭାଶୀର୍ବାଦ ଜଣାଉଛି ।

ଏହି ପୁସ୍ତକଟି ପ୍ରତ୍ୟେକ ବୟସର ତଥା ପ୍ରତ୍ୟେକ ବ୍ୟକ୍ତିଙ୍କର ଉପକାରରେ ଆସିବ ବୋଲି ମୁଁ ବିଚାର କରୁଛି ।

**ପ୍ରଫେସର ଶରତ ଚନ୍ଦ୍ର ରଥ**
ଭୁବନେଶ୍ୱର

# ସୂଚୀପତ୍ର


| | | |
|---|---|---|
| ୧. | କବିବର ରାଧାନାଥ ରାୟ | ୭ |
| ୨. | ସ୍ୱଭାବକବି ଗଙ୍ଗାଧର ମେହେର | ୧୬ |
| ୩. | ବ୍ୟାସକବି ଫକୀରମୋହନ ସେନାପତି | ୨୩ |
| ୪. | ଭକ୍ତକବି ମଧୁସୂଦନ ରାଓ | ୩୧ |
| ୫. | ପଲ୍ଲୀକବି ନନ୍ଦକିଶୋର ବଳ | ୩୮ |
| ୬. | ଉତ୍କଳମଣି ଗୋପବନ୍ଧୁ ଦାସ | ୪୦ |
| ୭. | ପଣ୍ଡିତ ନୀଳକଣ୍ଠ ଦାସ | ୪୮ |
| ୮. | ପଣ୍ଡିତ ଗୋଦାବରୀଶ ମିଶ୍ର | ୬୧ |
| ୯. | ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ | ୬୫ |
| ୧୦. | ନାରୀକବି ବିଦ୍ୟୁତ୍‌ପ୍ରଭା ଦେବୀ | ୮୦ |
| ୧୧. | କବି ମାୟାଧର ମାନସିଂହ | ୯୧ |
| ୧୨. | କବି ସଚ୍ଚି ରାଉତରାୟ | ୯୯ |
| ୧୩. | କବି ପଦ୍ମଚରଣ ପଟ୍ଟନାୟକ | ୧୦୪ |


❑❑



# କବିବର ରାଧାନାଥ ରାୟ

ଜନ୍ମ : ୧୮୪୮ ମସିହା ।

ମୃତ୍ୟୁ : ୧୯୦୮ ମସିହା ।

ଜନ୍ମସ୍ଥାନ: ବାଲେଶ୍ୱର ଜିଲ୍ଲାର ସୋର ନିକଟବ□ୀ କେଦାରପୁର ଗ୍ରାମ ।

ପିତାଙ୍କ ନାମ : ସୁନ୍ଦର ନାରାୟଣ ରାୟ ।

ମାତାଙ୍କ ନାମ : ତାରିଣୀ ଦାସୀ

ରଚନା ସମ୍ଭାର : କେଦାରଗୌରୀ, ଚନ୍ଦ୍ରଭାଗା, ନନ୍ଦିକେଶ୍ୱରୀ, ଉଷା, ଚିଲିକା, ମହାଯାତ୍ରା, ଦରବାର ଇତ୍ୟାଦି ଇତ୍ୟାଦି ।

## ୧. ମହତ ଜନର ସଂଜ୍ଞା

ଅନ୍ୟଦ୍ୱାରା ଉପକୃତ ହେଲେ ମହତଜନ କୃତଜ୍ଞତା ପ୍ରକାଶ କରନ୍ତି । ସେହି କୃତଜ୍ଞତା ହିଁ ମହତ ଜନର ପ୍ରକୃତ ପରିଚୟ ।

ମହତ ଜନଠାରେ କରୁଣା କଲେ,<br>
ସେ କରୁଣା ନଯାଏ କେବେ ବିଫଳେ ।<br>
ଆଶୁ ସୁଫଳ ଜାତ ନିଶ୍ଚେ ହୁଅଇ,<br>
କରୁଣା ପ୍ରଭା ପୁଣି ପ୍ରତିଫଳଇ ।    (ମେଘଦୂତ)

## ୨. ବିଚଳିତ ମନର ଚିତ୍ର

ମନ ବିଚଳିତ ହେଲେ ପାଦତଳୁ ମାଟି ଖସିଯାଏ, ଆକାଶ ମଥାଉପରେ ଭାଙ୍ଗିପଡ଼େ, ଅସ୍ଥିର ଲାଗେ, ଆଗକୁ ଯାଇ ହୁଏନାହିଁ କିମ୍ବା ପଛକୁ ଫେରିହୁଏ ନାହିଁ। ଅବସ୍ଥା ମଶାରି ଭିତରର ମଶାପରି ହୁଏ।

ଆ□ ଭ୍ରମୁଅଛି ଏଣେତେଣେ ମନ
ମଶାରି ଭିତରେ ମଶକ ଯେସନ
(ନନ୍ଦିକେଶ୍ୱରୀ)

## ୩. ବିଧିର ବିଧାନ କେ କରିବ ଆନ

ଦେବ କୂଟସିନା ଦେବତାଙ୍କୁ ଜଣା,
ମନୁଷ୍ୟ ତ ତହିଁ ସବୁ ବେଳେ ବଣା।

**XXXXX**

କେ କହିବ ଆହା ବିଧାତା କିପାଇଁ
ମୃଣାଳକୁ ଦେଲେ କ□କେ ଜଡ଼ାଇ ?

**XXXXX**

କିଲାଗି ଚନ୍ଦନ ପନ୍ନଗ ନିବାସ,
ବୁଝିବାର ସିନା ବିଫଳ ପ୍ରୟାସ !
(ନନ୍ଦିକେଶ୍ୱରୀ)

## ୪. ଜୀବନର ନଶ୍ୱରତା

କେହି ରହିନାହିଁ ରହିବ ନାହିଁ ଏ
ଭବରଙ୍ଗଭୂମି ତଳେ,
ସର୍ବେ ନିଜନିଜ ଅଭିନୟ ସାରି
ବାହୁଡ଼ିବେ କାଳବଳେ। (ପାର୍ବତୀ)

**୫. ସବଳର ପ୍ରାଦୁର୍ଭାବ ପାଇଁ :-**

ଇଛନ୍ତି ଦାମ୍ଭିକେ ହସ୍ତେ ରଖିବାକୁ
ସମସ୍ତଙ୍କ ଭାଗ୍ୟ ଡୋରି,
ନିଜଭାଗ୍ୟ ଡୋରି କାଳହସ୍ତେ ଏହା
ପକାନ୍ତି ହେଳେ ପାଶୋରି।
(ପାର୍ବତୀ)

**୬. ଅଭୁଲା ସ୍ମୃତି ପାଇଁ :-**

ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର
ପାରିଲେ ଫିଙ୍ଗି ସେ ଲଭନ୍ତା ନିସ୍ତାର।
(ନନ୍ଦିକେଶ୍ୱରୀ)

**୭. କାଳର ପ୍ରଭାବ ପାଇଁ :-**

କାଳର ପ୍ରଭାବ ଅପ୍ରତିହତ। ସେ ରାଜାକୁ କରିପାରେ ରଙ୍କ ଆଉ ରଙ୍କକୁ କରିପାରେ ରାଜା। ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର।

କାଳ ଗର୍ଭେ ଭବେ ଲୀନ ହେଲେ କେତେ
ମହୀପତି ମହାଯଶା,
ହୋଇଅଛି ଯାଙ୍କ ଜୀର୍ଣ୍ଣ ସୌଧ ଏବେ
ବ୍ୟାଘ୍ର ଭଲ୍ଲୁକର ବସା।
ଶୈବାଳ ପାଷାଣ ଭେଦିରେ ସଉଧ
ହୋଇଛି ନୀଳ ବରଣ,
କୃମି ତନ୍ତୁଜାଲ ହୋଇଅଛି ଏବେ
ଗବାକ୍ଷର ଆସ୍ତରଣ।

ସ୍ୱର୍ଣ୍ଣ ଦୀପାଲୋକେ ଉଠୁଥିଲା ଯହିଁ
ଅଗୁରୁ ଧୂପର ଘଟା,
ତିମିରକୁ ତହିଁ ବୀଜନ୍ତି ବିଜନେ
ପକ୍ଷବାତେ ଚମଚଟା !।
(ପାର୍ବତୀ)

## ୮. କବି ରାଧାନାଥଙ୍କର ଜୀବନ ଦର୍ଶନ :-

ଛାରଭାଗ୍ୟ ମୋର ପିହିତ ପାଷାଣେ,
ମୋ ଜୀବନ ଗଢ଼ା ଅନ୍ୟ ଉପାଦାନେ।
ଚିର ହାହାମୟ ଏ ଛାର ଜୀବନ,
ଜୀବନ ନୁହଇ, ଜୀବନ୍ତ ମରଣ।
ଚିରଦିନ ଦୁଃଖ ପ୍ରହାରେ ଜର୍ଜର,
ପଟ୍ଟଶିଷ୍ୟ ମୁହିଁ ଦୁଃଖ ଗୁରୁଙ୍କର।
(ଚିଲିକା)

## ୯. ଭାଗ୍ୟଂ ଫଳତି ସର୍ବତ୍ର :-

ଯାହା ଘଟିବାର ଅଛି ତାହା ହିଁ ଘଟିବ, ଅନ୍ୟଥା ହେବନାହିଁ। ତାକୁ ଆଗରୁ ଦେଖି ହେବ ନାହିଁ, ତେଣୁ ତା' ନାମ ଅଦୃଷ୍ଟ।

ଭବିତବ୍ୟ ଯାହା ଅବଶ୍ୟ ଘଟିବ
କିଏ ତା' କରିବ ଆନ,
କିଏ ଅବା ଏହି ଜ୍ୟୋତିଷ୍କ ଗତି
ରୋଧିବାକୁ ବଳବାନ ?
(ପାର୍ବତୀ)

**୧୦. ସୁଖର ସ୍ୱରୂପ ପାଇଁ :-**

ସୁଖରୂପେ ଯାହା ଜନନେତ୍ରେ ଦିଶେ,
ହାତେ ଆସେ ହାତୁଁ ପଡ଼ିବା ପାଇଁ ସେ,
ବସ୍ତୁନୁହଇ ସେ ଅଟଇଟି ଧୂମ,
ଅନ୍ୟ ନାମ ତା'ର ଆକାଶ କୁସୁମ।
(ଚିଲିକା)

**୧୧. ମୃତ୍ୟୁ ମଧ୍ୟ ଜନ୍ମପରି ସତ୍ୟ :-**

ଏ ଜୀବ ନୁହଇ ସ୍ଥିର, ସ୍ଥିରଟି ମରଣ,
ମାଟିର ଏ ଘଟ ନିଶ୍ଚେ ମିଶିବ ମାଟିରେ।
ଲଗାଇଛି ଫାଶ ସେହୁ ସମସ୍ତଙ୍କ ଗଳେ,
କି ରାଜା, କି ପ୍ରଜା, କିବା ବୀର, କିବା ଭୀରୁ
ଗୁଣୀ ଗୁଣହୀନ ଅବା ସୁନ୍ଦର କୁତ୍ସିତ,
ଧନୀକ ନିର୍ଦ୍ଧନ ଅବା ପ୍ରବଳ ଦୁର୍ବଳ।
ସେ ଗୁପତ ଫାଶୁଁ କେହି ନୁହନ୍ତି ମୁକତ।
(ମହାଯାତ୍ରା)

**୧୨. ମୃତ୍ୟୁ ସର୍ବଗାମୀ :-**

ଅଦ୍ଭୁତ ସେ ଚୋର ତାକୁ ରୋଧିଲେ ତୋରଣ,
ପାଚେରୀ ଲଂଘିଣ ପୁରେ ପଶେ ଅନାୟାସେ,
ତାଲକ କୀଳିତ ଗୃହେ ପଶେ ଅକୁଣ୍ଠିତେ,
ନ ଫିଟାଇ ସେ ତାଲକ ଖ□ ଶିରୋମଣି।
(ମହାଯାତ୍ରା)

### ୧୩. ମୂର୍ଖପାଖରେ ଜ୍ଞାନୀଲୋକର ଅନାଦର :-

ବନବାସ ଅବକାଶରେ ବର୍ଷାକାଳରେ ପ୍ରସ୍ରବଣ ପର୍ବତରେ ଅବସ୍ଥାନ କରିଥିବା ବେଳେ ଶ୍ରୀରାମଚନ୍ଦ୍ର ଉପଦେଶ ଛଳରେ ଲକ୍ଷ୍ମଣଙ୍କୁ କହିଥିବା କଥା ଏଠାରେ ଉପସ୍ଥାପିତ ।

ଦର୍ଦ୍ଦୂର ରବ ଶୁଣି ନୀରବ ପିକ
ମୂଢ଼ସଭାରେ ମୂକ ଯଥା ଧାର୍ମିକ ।
(ତୁଳସୀ ସ୍ତବକ)

### ୧୪. ପ୍ରବୃ□ର ପ୍ରାବଲ୍ୟ :-

ଦେଖ ଦେଖ ଅଗ୍ରତେ ସରସୀ ଜଳେ
ପଡ଼ି ମଣ୍ଡୁକ କ୍ରୂର ଅହି କବଳେ
ବିକଳେ ରାବୁ ରାବୁ ଉର୍ଦ୍ଧ୍ୱେ ଉଡ୍ଡୀଣ
ଉହୁଙ୍କି ଶିଶୁ କଙ୍କି ଦେଲା ଗିଳିଣ ।
କାଳ କବଳେ ସିନା ଏରୂପେ ଭାଇ
ଆରତେ ନର ଘାରି ହେଉଣ ଥାଇ
ତେବେ ହେଁ ମନାସଇ ଲଭି ଏ ଦଶା
ମେ□ଇବାକୁ ଭବ ଭୋଗ ଲାଳସା ।
(ତୁଳସୀ ସ୍ତବକ)

### ୧୫. ଅତି ସର୍ବତ୍ର ଗର୍ହିତମ୍ :-

ବରଷାକାଳ ଅଟେ ଉଭିଦମିତ୍ର
ମାତ୍ର ପଙ୍କଜମଳା ନୋହେ ବିଚିତ୍ର
ଜଳଗହଳ ହେଲା ତା ପକ୍ଷେ ଯମ
ଅତି ସମ୍ପଦ ବାବୁ ମହା ବିଷମ । (ତୁଳସୀ ସ୍ତବକ)

**୧୬. ଅହଂଶୂନ୍ୟତା ଓ ସାଧୁସଙ୍ଗର ମହ□ :-**

ଅଦୃଶ୍ୟେ ସୋମଫୁଲ ବିତରେ ବାସ,
ସା□କର ନଥାଏ ନାମେ ପ୍ରୟାସ।

XXXXX

ନିଶା ଶିଶିର ହରେ ଦିବସ ତାପ
ସାଧୁ ସଙ୍ଗମ ଯଥା ବିନାଶେ ପାପ। (ତୁଳସୀ ସ୍ତବକ)

**୧୭. ସୁଖଠାରୁ ସୁଖର ଆଶା ଅଧିକ :-**

ସୁଖ ଆଶେ ଭୋଳ ସରବେ ଏକାଳେ
ସୁଖ ତ ଭବେ କ୍ଷଣିକ,
କିଏ ନ ଜାଣଇ ସୁଖଠାରୁ ସୁଖ
ଆଶାରେ ସୁଖ ଅଧିକ ? (ଉର୍ବଶୀ)

**୧୮. ପଦପଦବୀର ମୋହ :-**

ପଦପାଇଁ ଲୋକେ ହୋଇ ଲାଳାୟିତ,
ତୋଷିବାକୁ ବ୍ୟସ୍ତ ମନୁଷ୍ୟର ଚି□।
ଭ୍ରମନ୍ତି ମନୁଷ୍ୟ ପାଦ ଅନୁସରି
ସେହି ମନୁଷ୍ୟର ପୋଷା ଶ୍ୱାନପରି। (ଦରବାର)

**୧୯. ଜୀବନର ନଶ୍ୱରତା :-**

ଅଳ୍ପଦିନ ସ୍ଥିତିପାଇଁ ଭବ ଚଟି,
ଏଥିପାଇଁ କିମ୍ପା ଏତେ କଟାକଟି ?
ମହୀରେ କାହାର ପ୍ରବେଶ ପ୍ରୟାଣେ
ଓଜନ ଉଶ୍ୱାସ ମହୀ ତ ନଜାଣେ !

କେତେଦିନ ଲାଗି ମ□ୟ ଅବାଘର ?
ଏଥିଲାଗି କିମ୍ବା ଏତେ ଆଡ଼ମ୍ବର !
ମଧ୍ୟେ କେତେଦିନ ମାତର କୁଣିଆ,
ଏଥିପାଇଁ ପୁଣି ନଅ□ ଦୁନିଆଁ !''

(ଦରବାର)

## ୨୦. ଗଣ୍ଠିରେ ବାନ୍ଧିନେଲେ କେ କେତେ ଧନ :-

ମ□ କେତେ ଆସି କେତେ ଗଲେ ଭାଇ
କିଏ ନେଇଗଲେ କି ଧନ ମୁଣ୍ଡାଇ ?
ପଡ଼ି ତ ରହିଲେ ପଛେ ହାତୀ ଘୋଡ଼ା,
ପଡ଼ି ତ ରହିଲା ସୁନା ରୁପା ତୋଡ଼ା,
ପଡ଼ି ତ ରହିଲା ରତନେ ଭାସ୍ୱର,
କୁବେର ଭଣ୍ଡାର ସମ ଗନ୍ତାଘର ।

(ଦରବାର)

## ୨୧. ଜୀବନର ଲକ୍ଷ୍ୟ :-

ସଂସାରର ତ୍ୱକ ସାର ବଡ଼ପଣ
ଲାଳସାରୁ ନିଅ ବାହୁଡାଇ ମନ
ଉଦାସୀନ ନେତ୍ରେ ଦୁନିଆଁର ମାନ
ଦେଖିକର ମନ ଧର୍ମେ ଏକତାନ । (ଦରବାର)

## ୨୨. ଚିଲିକାର ସୌନ୍ଦର୍ଯ୍ୟ :-

ଆହା ଏ ଶୋଭାର କାହିଁ ପଟାନ୍ତର ?
ଥିଲେ ଥିବ ସ୍ୱର୍ଗେ, ମ□ୟ ଅଗୋଚର,

ପାସୋରିବ ଦେଖି, କହ, କେଉଁ ଜନ
ଏ ଶୋକପାଶୋରା ଅପସରା ଭୁବନ ?
(ଚିଲିକା)

**୨୩. ସତ୍ୟବାଦୀର ବର୍ଣ୍ଣନା :-**

ମଞ୍ଜୁଛୁରୀଅନା କୁଞ୍ଜ ବିହାରିଣୀ
ସାକ୍ଷୀ ଗୋପିନାଥ ହୃଦୟ ହାରିଣୀ,
ଦ୍ୱିଜକନ୍ୟା ଲକ୍ଷ୍ମୀ ସ୍ନାନେ ପୂତନୀରା,
ସୌଗନ୍ଧିକ ଗନ୍ଧେ ଚାରୁ ରତ୍ନଚିରା ।
(ଚିଲିକା)

**୨୪. ବହିଃପ୍ରକୃତି ଓ ଜୀବନ ଚିନ୍ତା :-**

ପଲ୍ଲବ କଅଁଳିଲା ବୃକ୍ଷେ ଅନେକ
ସାଧକ ହୃଦେଯଥା ଉଦେ ବିବେକ ।
ଅର୍କ ପାଦପ ହେଲା ପତ୍ର ବିହୀନ
ସୌରାଜ୍ୟେ ଖ□ ଯଥା ହୁଅନ୍ତି ଦୀନ ।
କଦମ୍ବ ବିକଶିଲା ଗିରି କାନନେ
କଦମ୍ବବନ୍ଧୁ ମେଘ ମନ୍ଦ୍ର ନିଃସ୍ୱନେ ।
ଭକତ ବନ୍ଧୁ ହରି ନାମ କୀ□ନୁ
ହର୍ଷେ ପୁଲକେ ଯଥା ଭକତ ତନୁ ।
(ତୁଳସୀ ସ୍ତବକ)

□□



# ସ୍ୱଭାବକବି ଗଙ୍ଗାଧର ମେହେର

ଜନ୍ମ : ୧୮୬୨ ମସିହା

ମୃତ୍ୟୁ : ୧୯୨୪ ମସିହା

ଜନ୍ମସ୍ଥାନ : ସମ୍ବଲପୁରର ବରପାଲୀ ଗ୍ରାମ

ପିତାଙ୍କନାମ : ଚୈତନ୍ୟ ମେହେର

ମାତାଙ୍କନାମ : ତାରିଣୀ ଦାସୀ

ପଦ୍ୟରଚନା : ରସରତ୍ନାକର, ଇନ୍ଦୁମତୀ, ଉତ୍କଳଲକ୍ଷ୍ମୀ, କୀଚକବଧ, ଅଯୋଧ୍ୟାଦୃଶ୍ୟ, ତପସ୍ୱିନୀ, ପ୍ରଣୟବଲ୍ଲରୀ, ଅହଲ୍ୟାସ୍ତବ, ମହିମା, କବିତାକଲ୍ଲୋଳ, ଅର୍ଘ୍ୟଥାଳୀ, କବିତାମାଳା, କୃଷକସଂଗୀତ ଇତ୍ୟାଦି ଇତ୍ୟାଦି ।

## ୧. ଶରୀର, ଯିଏ ଶୀର୍ଣ୍ଣ ହୋଇ ସରିସରି ଯାଏ :-

ଚିର ସ୍ଥାୟୀ ନୁହେଁ ଶରୀର ପାଦପ
ଭବ ତରଙ୍ଗିଣୀ ତୀରେ,
ପ୍ରାଣମୂଳ ମାଟି ଧୌତ ହୋଇଗଲେ
ଭାସିଯାଏ କାଳନୀରେ । (ଇନ୍ଦୁମତୀ)

**୨. ଆସିଲା ବେଳକୁ ଏକା, ଗଲାବେଳେ ମଧ୍ୟ ଏକା**

କେହି ତ କାହାରି  ନୁହଁନ୍ତି ରାଜନ
  ମାୟାମୟ ଭବହାଟେ,
ଆପଣା ଆପଣା  କଉଡ଼ି ସରିଲେ
  ଫେରୁଛନ୍ତି ନିଜବାଟେ । (ଇନ୍ଦୁମତୀ)

**୩. ଗତସ୍ୟ ଶୋଚନା ନାସ୍ତି :-**

ଗଲା କଥା ଗଲା  ସ୍ମୃତିପଟୁଁ ତାକୁ
  ପୋଛିଦିଅ ମହାମନା,
ଗତକଥା ସ୍ମରି  ଶୋଚନା କରିବା
  ନୀତି ଶାସ୍ତ୍ରେ ଅଛି ମନା । (ଇନ୍ଦୁମତା)

**୪. ଲଲାଟ ଲିଖନ, କେ କରିବ ଆନ :-**

କର୍ମଫଳ ଘେନି  ଜନ୍ମ ଲଭୁଛନ୍ତି
  ଜୀବଗଣ ବସୁଧାରେ
ଫଳ ଭୁଞ୍ଜିସାରି  ଯାଉଛନ୍ତି ପୁଣି
  କୃତକର୍ମ ଅନୁସାରେ । (ଇନ୍ଦୁମତୀ)

**୫. ଭାରତରେ ରାଜଧର୍ମ :-**

ହୃଦ ପଙ୍କେ ଜଳେ ବିଦ୍ୟୁତ୍ ଅନଳେ
  ଜଳଦାନେ ଘନ ବାଧ୍ୟ,
ସୁଖ ତେଜିରାଜା  ତୋଷିବ ପରଜା
  ତେବେ ତ ପରମାରାଧ୍ୟ । (ତପସ୍ୱିନୀ)

### ୬. ମନ ଅନୁସାରେ ଫଳ :-

ଯା'ମନ ଯେପରି  ତା' ପାଇଁ ସେପରି
ଫଳ ଥୋଇଥାଏ ବିଶ୍ୱ,
ଉଚ୍ଚମନା ଉଚ୍ଚେ   ଅମୃତ ଲଭଇ
ନୀଚମନା ପାଏ ବିଷ।
(ପ୍ରଣୟ ବଲ୍ଲରୀ)

### ୭. ମନୁଷ୍ୟର ତ୍ରିଗୁଣାତ୍ମିକା ପ୍ରକୃତି :-

ଅନୁକମ୍ପା ତହିଁ ବୋଇଲେ ସିତେ !
କର୍ମକରେ ଲୋକ ଶ୍ରଦ୍ଧା ସହିତେ
ଫୁଲେ ଫୁଲେ ଯଥା ବିଭିନ୍ନ ବାସ,
ଜୀବନ ଜୀବନେ ଶ୍ରଦ୍ଧା ନିବାସ।
ଶରଧା ସ୍ୱଭାବ ବର୍ଶୁଁ,
ଦଇବୀ ମାନବୀ   ଆସୁରୀ ଭେଦରେ
ହୋଇଥାଏ ଫଳପ୍ରସୂ।
(ତପସ୍ୱିନୀ)

### ୮. ପୂଜ୍ୟପୂଜାର ବ୍ୟତିକ୍ରମ ଫଳ :-

ଘେନ ପୂଜ୍ୟପୂଜା   ବ୍ୟତିକ୍ରମ ଫଳ
ଯା' ଠାରେ ରଖିଛୁ ଲୟ,
ସେ ତୋତେ ଚିହ୍ନିବ   ନାହିଁ ତୁ ଦେଲେ ହେଁ
ଆପଣାର ପରିଚୟ।   (ପ୍ରଣୟ ବଲ୍ଲରୀ)

**୯. ସମୟ ସୁଯୋଗ ପାଇଲେ ମନର ପ୍ରବୃ□ ଫୁଟେ :-**

ସମୟ ପାଇଲେ ଜୀବନେ ପ୍ରବୃ□
ଫୁଟି ପଡ଼ିଥାଏ ଆସି,
ପ୍ରବୃ□ ବର୍ଜିତ କେ ଅଛି ଜଗତେ
କି ଗୃହୀ କି ବନବାସୀ ?
(ପ୍ରଣୟ ବଲ୍ଲରୀ)

**୧୦. ଅନାହୂତୋ ପ୍ରବିଶ୍ୟତି, ଅପୃଷ୍ଟୋ ବହୁ ଭାଷତେ:-**

ଅନାହୂତ ହୋଇ ଆସି କେହି ତୋର
ଅଯଥା ପ୍ରଶଂସା କଲେ,
ଜାଣିଥିବୁ ତା'ର ଆଗମନ ତୋତେ
ଠକିବାକୁ କଉଶଳେ । (ପ୍ରଣୟ ବଲ୍ଲରୀ)

**୧୧ . ଘରୋଇ ଚଳଣି :-**

ସ୍ୱାମୀ ସେବା କାର୍ଯ୍ୟେ ନାରୀ ପ୍ରତିନିଧି
କଦାପି କରିବୁ ନାହିଁ,
ବିନା ବେତନର ପରିଚାରିକାକୁ
ଘରୁ ଦେବୁ ଘଉଡ଼ାଇ । (ପ୍ରଣୟ ବଲ୍ଲରୀ)

**୧୨. ନଣନ୍ଦ ଓ ଭାଉଜର ସମ୍ପର୍କ :-**

ନଣନ୍ଦ ଅଳିରେ କେବେ ନ ଚଳିବୁ
ଅଧିକେ କରିବୁ ସ୍ନେହ,
ବିମନା ହେଲେ ହେଁ କୋଳକୁ ଆଣିବୁ
ଆଉଁସି ତା' ମୁହଁ ଦେହ । (ପ୍ରଣୟ ବଲ୍ଲରୀ)

## ୧୩. ଭବିଷ୍ୟତ ଅନିଶ୍ଚିତ :-

ବୃଥା କିପାଁ ଏତେ ଭାବନା ଭାବିନି !
ଭବିତବ୍ୟ ଅଛି ଆନ,
ଭବିଷ୍ୟତପୁର ପ୍ରବେଶ କ୍ଷମତା
ଲଭିନାହିଁ ନରଜ୍ଞାନ ।
(ପ୍ରଣୟ ବଲ୍ଲରୀ)

## ୧୪. ଯେଉଁଠି ଥିଲେ ମଧ୍ୟ ସୁନା ହିଁ ସୁନା :-

କୁସ୍ଥାନ ବାସରେ ମହତ ଜନର
ସଦ୍‌ଗୁଣ ନହୁଏ ନାଶ,
ଶ୍ମଶାନ ଭୂମିରେ ଜନ୍ମିଲେ ତୁଳସୀ
ହୁଅଇ କି ହୀନବାସ !
ଆନନ୍ଦେ ବିଷାଦେ ସମଭାବେ ଥାନ୍ତି
ମହତ ସ୍ୱଭାବ ଧରି,
ପୂର୍ଣ୍ଣିମାରେ ଯଥା ନାଚଇ ସାଗର
ଅମାବାସ୍ୟାରେ ସେପରି ।
(କବିତା-ମହିମା)

## ୧୫. ଦୁର୍ଜନଙ୍କ ପ୍ରତି କଟାକ୍ଷ :-

ଅନେକ ଗ୍ରାମରେ ଛନ୍ତି ଜଘନ୍ୟ ଦୁର୍ଜନ
ଶାନ୍ତି ସ୍ଥଳେ କରିଥାନ୍ତି କଳହ ସୃଜନ
ଦୁଷ୍ଟଙ୍କ ଜୀବନ ଥାଏ ପାପୀ ଧନେ ବିକା,
କଳି ଲଗାଇବା ତାଙ୍କ ଜୀବନ - ଜୀବିକା ।

ଆପଣାକୁ କରିଥାନ୍ତି ମୃଗେନ୍ଦ୍ର ବିଚାର
ମଣିଥାନ୍ତି ଗ୍ରାମଲୋକେ ତାଙ୍କର ଶିକାର ।
(କବିତା-ପ□ାୟତ)

## ୧୬. ଅନ୍ନ ହିଁ ଜୀବନ :-

ଅନ୍ନଘେନି ରହିଛି ଅଖିଳ ସଂସାର,
ଅନ୍ନବିନା ଜଗତେ ଉଠେ ହାହାକାର
ଅନଘେନି ପୃଥିବୀ ସରଗ ସମାନ,
ଅନ୍ନବିନା ପୃଥିବୀ ସତେ ତ ହୁଅନ୍ତା ଶମଶାନ ।
(କବିତା-କୃଷକସଂଗୀତ)

## ୧୭. ପ୍ରଭୁଙ୍କୁ ପ୍ରଣାମ :-

ବିଶ୍ୱଜୀବନ ହେ,
ତୁମ୍ଭଙ୍କୁ କରୁଣା ସିନ୍ଧୁ
ବୋଲିବାକୁ ମନ ବଳୁନାହିଁ ଯେଣୁ
ସିନ୍ଧୁ ତୁମ୍ଭ କୃପାବିନ୍ଦୁ ।

xxxxxxxxxxxxxxxxxxxxxxx

'ମୁଁ'କାର ମାତର ମୋର ନୁହେଁ ବୋଲି
କହିବାକୁ ନାହିଁ ବାଟ
ଦୂରୁ ଶ୍ରୀଚରଣେ ଅର୍ପଣ କରୁଛି
ଘେନ ତା' ବିଶ୍ୱସମ୍ରାଟ । (କବିତା-ଭକ୍ତି)

**୧୮. ମଧୁମୟ ବିଶ୍ୱ :-**

ବିଶ୍ୱ ଦେଖ ମଧୁମୟରେ ଜୀବନ !
ବିଶ୍ୱଦେଖ ମଧୁମୟ
ମଧୁର ଝରଣ  କରିବ ହରଣ
ତୋ ପାପ ମରଣ ଭୟ ରେ ଜୀବନ ! (କବିତା-ମଧୁମୟ)

**୧୯. ଅମୃତ ସାଗର ବିନ୍ଦୁ :-**

ମୁଁ ତ ଅମୃତ ସାଗର ବିନ୍ଦୁ
ନଭେ ଉଠିଥିଲି ତେଜି ସିନ୍ଧୁ
ଖସି ମିଶିଛି ଅମୃତ ଧାରେ
ଗତି କରୁଛି ସେ ଅକୂପାରେ (କବିତା-ଅମୃତମୟ)

**୨୦. ଧର୍ମର ମହ□ :-**

ଧର୍ମ ଏକା ଜଗତରେ ଉତ୍□-କାରଣ
ଏକା ଧର୍ମ କରିଅଛି ଜଗତ ଧାରଣ
ଅଖିଳ ଜଗତ ସେହି ଧରମେ ଚାଳିତ
ଧରମରେ ବୃଦ୍ଧିମାନ ଧରମେ ପାଳିତ । (କବିତା-ଧର୍ମ)

**୨୧. ଧନପ୍ରତି ମନୋଭାବ :-**

ଧନ, ନୀରବେ ଆସିବୁ ରେ
ଗରବ ନ ଦେବୁ ମନେ,
ବିରତ ନକରି ଅବିରତ ଥିବୁ
ବିବେକ ଅନୁଗମନେ । (କବିତା-ଧନପ୍ରତି)

❑❑



# ବ୍ୟାସକବି ଫକୀରମୋହନ ସେନାପତି

ଜନ୍ମ : ୧୩ ଜାନୁଆରୀ ୧୮୪୩ ମସିହା

ମୃତ୍ୟୁ : ୧୪ ଜୁନ୍ ୧୯୧୮ ମସିହା

ଜନ୍ମସ୍ଥାନ : ବାଲେଶ୍ୱର ଜିଲ୍ଲାର ମଲ୍ଲିକାଶପୁର ଗ୍ରାମ

ପିତାଙ୍କ ନାମ : ଲକ୍ଷ୍ମଣ କୁମାର ସେନାପତି

ମାତାଙ୍କ ନାମ : ତୁଳସୀ ଦେବୀ

ପଦ୍ୟ ସମ୍ଭାର : ଉତ୍କଳ ଭ୍ରମଣ, ଅବସର ବାସରେ, ପୂଜାଫୁଲ, ଉପହାର ଇତ୍ୟାଦି ଇତ୍ୟାଦି।

## ୧. ମାତୃଭାଷାର ମହ□ :-

ଆପଣ ତ ହେଲେ ଏବେ ଇଂରେଜୀ ପଢୁଆ
ମାତୃଭାଷା କହିବାକୁ ଲାଗିବ ଅଡୁଆ ।

XXXXX

ପଢ଼ ଇଙ୍ଗରେଜୀ କେହିମନା କରୁନାହିଁ,
କିନ୍ତୁ ବାପା କାମ କର ଜାତିକୁଳଚାହିଁ ।
ଘୃଣା କରୁଅଛ ମାତୃଭାଷା ପଢ଼ିବାକୁ
ହାୟ ହାୟ ଲାଜକଥା କହିବି କାହାକୁ ?
କେତେ ବାବୁମାନଙ୍କର ଦେଖିଛି ଦୁର୍ଦ୍ଦଶା
ଲାଜମାଡ଼େ କହିବାକୁ ନିଜ ମାତୃଭାଷା । (ଉତ୍କଳ ଭ୍ରମଣ)

**୨. ମାତୃଭାଷା ଓ ମାତୃଭୂମିର ମହ□ :-**

ପଢ଼ିଲି ନାନା ଦେଶଭାଷା
କାହିଁ ତ ନ ପୂରିଲା ଆଶା ।

xxxxx

ଦେଖିଲି ବୁଲି ବହୁଦୂର
କା□ କାମାକ୍ଷା କାନପୁର,
ପାଇଲି ନାହିଁ ଘୂରିଘୂରି
ମୋ ମାତୃଭୂମିର ମାଧୁରୀ ।

(ପୂଜାଫୁଲ ପୁସ୍ତକରୁ)

**୩. ଆତ୍ମସମ୍ମାନ ଓ ଆତ୍ମଜ୍ଞାନ ପାଇଁ :-**

ଆତ୍ମସମ୍ମାନ ଆତ୍ମଜ୍ଞାନ
ଆପଣା ଇନ୍ଦ୍ରିୟ ଶାସନ
ଯେ ଲୋକ ଯେତେ ରକ୍ଷାକରେ
ଧନ୍ୟ ସେ ଲୋକ ସମାଜରେ ।

(ପୂଜାଫୁଲ ପୁସ୍ତକରୁ)

**୪. ଅସାଧ୍ୟ ବୋଲି କିଛି ନାହିଁ :-**

ଅସାଧ୍ୟ କି ଅଛି ଜଗତେ
ସକଳ ଯତ୍ନର ଆୟତ□ ।
ମାନବ ଯାହା କରିପାରେ
କିମ୍ବା ଅସାଧ୍ୟ ତୁମ୍ଭ ଠାରେ । (ପୂଜାଫୁଲ ପୁସ୍ତକରୁ)

**୫. ଆୟ□ରେ ମନର ମହ□ :-**

ବଶ ଯେ କରିଛି ମନକୁ
ସେ ଜିଣିପାରେ ଜଗତକୁ ।
ନଥିଲେ ହିତାହିତ ଜ୍ଞାନ
ତୁମ୍ଭେ ହିଁ ତୁମ୍ଭ ଶତ୍ରୁଜାଣ । (ପୂଜାଫୁଲ ପୁସ୍ତକରୁ)

**୬. ପରଦୁଃଖରେ ଦୁଃଖୀ ପାଇଁ :-**

ସୁନ୍ଦର କମଳେ ଶିଶିର ବିନ୍ଦୁ
ସୁନ୍ଦର ଗଗନେ ପୂର୍ଣ୍ଣିମା ଇନ୍ଦୁ ।
ତହିଁରୁ ସୁନ୍ଦର ଦିଶେ ଉଜ୍ଜ୍ୱଳ
ପର ଦୁଃଖେ ଯେଉଁ ନୟନ ଜଳ । (ପୂଜାଫୁଲ ପୁସ୍ତକରୁ)

**୭. କହିବା ଆଗରୁ ଭାବିବା :-**

ବାକ୍ୟ ବୋଲିବାର ପୂର୍ବେ କରିବ ବିଚାର
ଅଛି କି ନା ଇଷ୍ଟାନିଷ୍ଟ ଏଥିରେ କାହାର ।
ଯେଉଁ ଲୋକ କରିପାରେ ବଚନ ସଂଯମ
ଜଗତରେ ପରିଚିତ ସେହି ବିଜ୍ଞତମ । (ପୂଜାଫୁଲ ପୁସ୍ତକରୁ)

**୮. କେଉଁ କେଉଁ କଥା ଭୁଲିବା ଉଚିତ :-**

ଭୁଲି ଯାଏ ଅନ୍ୟେ ଯାହା କଲି ଧନଦାନ
ଭୁଲିଯାଏ ଅନ୍ୟ ମୋତେ କଲା ଅପମାନ ।
ଭୁଲିଯାଏ କରିଅଛି ପର ଉପକାର
ଭୁଲିଯାଏ ଅନ୍ୟ ଯାହା କଲା ଅତ୍ୟାଚାର । (ପୂଜାଫୁଲ ପୁସ୍ତକରୁ)

**୯. ସତ୍ୟବାଦୀ ବନବିଦ୍ୟାଳୟପାଇଁ :-**

ସତ୍ୟବାଦୀ ଗ୍ରାମେ ଦେଖି ବାଣୀର ମନ୍ଦିର,
ଭାବିଭାବି ମନ ମଧ୍ୟେ ବୁଝିଲିଣି ସ୍ଥିର ।
ଇତିହାସୁଁ ଶୁଣାଥିଲା ନାଳନ୍ଦା ବିହାରେ
ସତ୍ୟବାଦୀ ଗ୍ରାମେ ଆସିବ ତ ଦେଖିବାରେ । (ଉତ୍କଳଭ୍ରମଣ)

**୧୦. ପୃଥ୍ୱୀ କ୍ଷଣକ୍ଷଣକେ ଆନ :-**

ଫୁଟି ଚହଟେ କିପାଁ କୁସୁମ କଢ଼ି,
ଦୁଇ ଦିନରେ ଯେବେ ପଡ଼ିବ ଝଡ଼ି ।
ନଥିଲା ନାହିଁ ମରୁଭୂମିରେ ଜଳ,
କିପାଇଁ ମରୀଚିକା କରଇ ଛଳ ।
ବିଚ୍ଛେଦ ହେବ ଯେବେ ଅବଶ୍ୟ ଥରେ
କିପାଁ ମିଳନ ହେଲା ତାହା ସଙ୍ଗରେ ।
ଏତେ ଦିନରେ ମୋର ଜନ୍ମିଲାଜ୍ଞାନ
ବିଶ୍ୱ ତ ନୁହେଁ ପୂର୍ଣ୍ଣ ସୁଖର ସ୍ଥାନ ।
(କବିତର-ଜଗତ ନୁହେଁ ପୂର୍ଣ୍ଣ ସୁଖର ସ୍ଥାନ)

## ୧୧. ମାଆଙ୍କ ମୃତ୍ୟୁରେ ପିଲାଙ୍କର ଦୁଃଖ :-

ବାବା ! ମୋ ମାଆ ଗଲେ କାହିଁ ?
ଖୋଜିଲିଣି ସବୁଠାରେ
ଘର ମଧ୍ୟେ ବଗିଚାରେ
ଯାହାକୁ ପଚାରେ କେହି କିଛି କହୁନାହିଁ
ବାବା ମୋ ମାଆ ଗଲେ କାହିଁ ?

xxxxx

ବାବା ମୋ ମାଆ ଗଲେ କାହିଁ ?
ତାଙ୍କୁ ହୋଇଥିଲା ଜର
ଆସୁଥିଲା ଡାକତର
ଆଜି କାହିଁ ଡାକତର ଆସିଲା ତ ନାହିଁ
ବାବା ମୋ ମାଆ ଗଲେ କାହିଁ ?

xxxxx

ବାବା ମୋ ମାଆ ଗଲେ କାହିଁ ?
ରୋଜି ତୁମେ ଆନନ୍ଦରେ
ବସି ଲେଖୁଥିଲ ଘରେ
ଆଜି କିମ୍ପା ବସିଅଛ ଜଳଜଳ ଚାହିଁ
ବାବା ମୋ ମାଆ ଗଲେ କାହିଁ ?

xxxxx

ବାବା ! ମୋ ମାଆ ଗଲେ କାହିଁ ?
ନ ଲାଗୁଣୁ ଭୋକ ହାତ
ଧରି ସେ ଖୁଆନ୍ତି ଭାତ
ଆଜି ତ ଲାଗୁଛି ଭୋକ କେହି ଡାକୁନାହିଁ ?
ବାବା ମୋ ମାଆ ଗଲେ କାହିଁ ?

ବାବା ! ମୋ ମାଆ ଗଲେ କାହିଁ ?
କାନ୍ଦିଲେ କରୁଛ ତୁନି
ଆପେ କାନ୍ଦୁଛ ବାହୁନି
କହୁନାହଁ ଫେଡ଼ି ମାଆ ଆସିବେ କି ନାହିଁ ?
ବାବା ମୋ ମାଆ ଗଲେ କାହିଁ ?

(କବିତା- ମୋ ମାଆ ଗଲେ କାହିଁ)

## ୧୨. ମାଆଙ୍କ ମୃତ୍ୟୁରେ ଭଉଣୀକୁ ଭାଇର ଆଶ୍ୱାସନା :-

ଭାଇଟି ବୟସେ ବଡ଼ ଭଉଣୀଟି ସାନ
ଭଉଣୀଟିଠାରୁ ଭାଇ କିଛି ବୁଦ୍ଧିମାନ ।
କାଲିଠାରୁ ମାଆ କାହିଁ ଯାଇଛନ୍ତି ଛାଡ଼ି
କାନ୍ଦିଲେଣି ଦୁଇପିଲା ଡକା ପାଡ଼ିପାଡ଼ି
ଦିନରାତି ଦୁଇଜଣ ବାହୁନି ବାହୁନି
ମନକୁ ସାନ୍ତ୍ୱନା ଦେଇ ଭାଇ ହୋଇ ତୁନି
ଧୀରେଧୀରେ ଯାଇ ଭଉଣୀକୁ କଲା ମନା
କାନ୍ଦନା ସରିଆ ଆଉ କାନ୍ଦନା କାନ୍ଦନା ।
କାନ୍ଦିବାକୁ ବାବା ପରା କରିଛନ୍ତି ମନା ।

xxxxx

ମାଆ, ଆଉ କେତେବେଳେ ନ ଆସିବେ ଫେରି
ହାତ ମୁହଁ ଧୋଇ ଆ ଯା କରନାହିଁ ଡେରି
ସଞ୍ଜ ହେଲା ଯିବା କରିବାକୁ ଉପାସନା
କାନ୍ଦନା ସରିଆ ଆଉ କାନ୍ଦନା କାନ୍ଦନା
କାନ୍ଦିବାକୁ ବାବା ପରା କରିଛନ୍ତି ମନା
କାନ୍ଦନା ସରିଆ ଆଉ କାନ୍ଦନା କାନ୍ଦନା ।

(କବିତା- ମାତୃହୀନ ଦୁଇଗୋଟି କ୍ଷୁଦ୍ର ଶିଶୁ)

## ୧୩. କବିଙ୍କର ସ୍ମୃତି ମନ୍ଥନ :-

ପ୍ରଶସ୍ତ ଜଳାଶୟ ପାଟ ବିଲରେ
ଥିଲା ଚକୁଆ ଏକ ପୂର୍ବ କାଳରେ
ଆନ ଚକୁଆ ପଲ ମଧ୍ୟରେ ଥାଇ
କାଟଇ ଦିନ ଚରିବୁଲିଣ ଖାଇ ।

xxxxx

କେ ତାର ପିତାମାତା ସେ ଜାଣେନାହିଁ
ପିଲାକାଳରୁ ଯାଇ ଅଛନ୍ତି କାହିଁ
ଥିଲା ଏକ ଚକୋଇବୁଢ଼ୀ ସେଠାରେ
ବ□ାଇ ରଖିଥିଲା ତାଙ୍କ ଡେଣାରେ ।

xxxxx

କେତେଦିନରେ ବୁଢ଼ୀ ଚକୋଇ ମଲା,
ପିଲା ଚକୁଆ ଆଶା ଭରସା ଗଲା
ଏକାକୀ ଉଡ଼ିବୁଲେ ଏକାକୀ ଚରେ
ନଥିଲା ଦୁଃଖୀ କେହି ତାହା ଦୁଃଖରେ ।

xxxxx

ଆଉ ବସାରେ ନାହିଁ ଶବଦ କିଛି
ନିର୍ଜନ ବନପ୍ରାୟ ପଡ଼ି ରହିଛି
ବାଟୋଇ ଦେଖାଇବେ ହାତକୁ ଟେକି
ଏଠାରେ ଥିଲେ ଦୁଇ ଚକୁଆ ପକ୍ଷୀ ।

(କବିତା ଚକୁଆ ଚକୋଇ କଥା)

## ୧୪. ବିରହ ବ୍ୟଥାର ସ୍ୱର :-

ଲୀଳା କରୁଥିଲା ନୀଳ ବାରିଦେ ଚପଳା
ଦେଖିତୃପ୍ତ ହେଉଥିଲା ମୋହ ନେତ୍ର ଡୋଳା
ଅନନ୍ତ ଆକାଶେ ଗଲା ସହସା ଉଭାଇ
ହସି ହସି ଗଲା ମୋତେ କନ୍ଦାଇ କନ୍ଦାଇ

xxxxx

ଅନ୍ଧାରର ଆଲୁଅ ମୋ ଶରଦ ଚନ୍ଦ୍ରିକା
ନନ୍ଦନର ପାରିଜାତ ବାସନ୍ତୀ ମଲ୍ଲିକା
ମୋ ବାଜେଣୀ ବୀଣାତାନ ପବନେ ମିଶାଇ
ହସି ହସି ଗଲା ମତେ କନ୍ଦାଇ କନ୍ଦାଇ ।

(କବିତା-ହସିହସି ଗଲା ମୋତେ କନ୍ଦାଇ କନ୍ଦାଇ)

## ୧୫. ଗଙ୍ଗାଧର ମେହେରଙ୍କ ପାଇଁ :-

ବରପାଲି ଦେଶେ ଅଛି ଗଙ୍ଗାଧର ମେହେର
ତାହାର କବିତା ପଢ଼ିଲିଣି ଢେରଢେର ।
କବିତାଗୁଡ଼ିକ ପଢ଼ି ମନ ମାନିଯାଏ,
ଆଉ ସେ ଲେଖିବ କିଛି ବାଟ ଚାହିଁଥାଏ ।

(ଉତ୍କଳଭ୍ରମଣ)

❑❑



# ଭକ୍ତକବି ମଧୁସୂଦନ ରାଓ

ଜନ୍ମ : ୧୮୫୩ ଖ୍ରୀ:ଅ

ମୃତ୍ୟୁ : ୧୯୧୨ ଖ୍ରୀ:ଅ

ଜନ୍ମସ୍ଥାନ : ପୁରୀର ପଥୁରିଆ ସାହି

ପିତାଙ୍କନାମ : ଭାଗୀରଥୀ ରାଓ

ମାତାଙ୍କନାମ : ଅମ୍ବିକା ଦେବୀ

ପଦ୍ୟ ରଚନା – କବିତାବଳୀ, ଛାନ୍ଦମାଳା, କୁସୁମାଞ୍ଜଳି, ବସନ୍ତଗାଥା, ଉତ୍କଳ ଗାଥା, ହିମାଚଳେ ଉଦୟଉତ୍ସବ, ସଂଗୀତମାଳା ଇତ୍ୟାଦି ଇତ୍ୟାଦି ।

## ୧. ସା ବିଦ୍ୟା ଯା ବିମୁକ୍ତୟେ :-

ବିଦ୍ୟା ଅଟଇ ମହାଧନ । ବାଳକେ କର ଉପାର୍ଜନ ।
ବିଦ୍ୟା ଅଟଇ ମହାରତ୍ନ । ହୃଦୟେ ଘେନ କରି ଯତ୍ନ ।
ବିଦ୍ୟା ଅଟଇ ମହାମିତ୍ର । ସେ ସଙ୍ଗେ ହୁଅ ହେ ପବିତ୍ର ।
ବିଦ୍ୟା ଅଟଇ ମହାବଳ । ସେ ବଳେ ଜିଣ ଭୂମଣ୍ଡଳ ।

## ୨. ସୁଖୀ ପରିବାର :-

ପିତାମାତାପରି ଆଉ କେ ଅଛି ସଂସାରେ
ଧନ୍ୟ ସେ ଯେ ଦିଏ ପ୍ରାଣ ତାଙ୍କରି ସେବାରେ।
ଭାଇ ଭଉଣୀଙ୍କଠାରେ ସ୍ନେହ ଭାବ କହି
ତୋଷିବ ତାହାଙ୍କୁ ସଦା ମିଷ୍ଟ କଥା କହି।
ବୈକୁଣ୍ଠ ସମାନ ଆହା ଅଟେ ସେହିଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।

## ୩. ପଙ୍କରୁ ପଙ୍କଜର ଜନ୍ମ :-

କୋଟି ଲାବଣ୍ୟନିଧି ରେ ପଦ୍ମ ତୁହି !
କି ଅମୃତେ ତୋ ତନୁ ଗଢ଼ିଲା ବିହି
XXXXX
କଳୁଷପଙ୍କେ ମୁହିଁ କେଡ଼େ ମଳିନ
କେମନ୍ତେ ସରି ତୋର ହେବି ନଳିନ
ପଙ୍କଜ ଅଟୁ ତୁହି ତେଣୁ ଭରସା,
ତୋପରି ଶୁଭ୍ର ହେବି ଲଭି ସୁଦଶା,
ତୋ ରୂପଦରଶନେ ମୋର ହୃଦୟ
ପୁଣ୍ୟ ଆବେଶେହୁଏ ଅମୃତମୟ।
ଅନନ୍ତ ମହେଶ୍ୱର ମୋ ପ୍ରାଣ ସାଇଁ
ବୋଲି ରାଜୀବ ସଦା ଥିବି ଅନାଇଁ।
ଶିଖାଅ ମତେ ସଦା ଏ ପୁଣ୍ୟ ବ୍ରତ
ତୋର ଆଶିଷେ ପୂରୁ ମୋ ମନୋରଥ। (କବିତା-ପଦ୍ମ)

## ୪. ବିଜନତାର ସ୍ୱରୂପ :-

ବିଜନତା କାହିଁ ତୋ ବେଶ ମୋହନ,
ଯେ ବେଶେ ମୋହିଲୁ ତୁ ମୁନି ନୟନ
ବରଂ ନିବାସ ଭଲ ରଣ କ୍ଷେତ୍ରରେ,
ଭୟରେ ସଦା ଯହିଁ ହୃଦୟ ଥରେ
କିନ୍ତୁ ଏ ଭୀମସ୍ଥଳେ ରାଜ୍ୟପ୍ରାପତି
ଅଟଇ ମୋ ବିଚାରେ ଅଧମଗତି ।

(ଅନୂଦିତ କବିତା- ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ)

## ୫. ବନ୍ଧୁତାର ମୂଲ୍ୟବୋଧ :-

କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର,
ଯାର ପ୍ରାପତି ଯୋଗୁଁ ଦେବତା ନର,

XXXXX

ଥାଆନ୍ତା ଯେବେ ମୋର ବିହଙ୍ଗ ପକ୍ଷ,
ଲଂଘି ଭୀଷଣ ଗିରି ସମୁଦ୍ର ବକ୍ଷ।
ଦେଖନ୍ତି ପ୍ରିୟଜନ ମୁଖ କମଳ
ହୁଅନ୍ତା ସନ୍ତାପିତ ପ୍ରାଣ ଶୀତଳ।

(ଅନୂଦିତ କବିତା- ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ)

## ୬. ଚ□ଳ ମନର ସ୍ୱରୂପ :-

ଆହା କିବା ଅଦ୍‌ଭୂତ ମନର ଗତି,
ଅଚିନ୍ତନୀୟ ଅଟେ ତାର ଶକତି ।
କ୍ଷଣ ମାତ୍ରକେ ମନ କରେ ଦର୍ଶନ
ଏହି ଅପରିସୀମ ବିଶ୍ୱଭୁବନ
ଜିଣଇ ସହଜରେ ମନୁଷ୍ୟମତି
ପ୍ରଭଞ୍ଜନର ବେଗ ଆଲୋକ ଗତି।

(ଅନୂଦିତ କବିତା-ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ)

### ୭. ବିଭୁ କୃପାର ମହ□୍ୱ :-

ଅଛନ୍ତି ସର୍ବ ସ୍ଥଳେ ଜଗଦୀଶ୍ୱର
ଦୟାମୟ ଫେଡ଼ିବେ ଦୁଃଖ ମୋହର ।
ଈଶ୍ୱର ଦୟା ଆହା କିବା ଉଦାର
ଲଘୁ କରଇ ଦୁଃଖୀ ହୃଦୟ ଭାର ।
ଜନମାଏ ସନ୍ତୋଷ ମନୁଷ୍ୟ ମନେ
ମଣ୍ଡଇ ହୃଦ ରାଜ୍ୟ ଶାନ୍ତିରତନେ ।

(ଅନୂଦିତ କବିତା- ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ)

### ୮. ଜୀବନର ବାସ୍ତବତା :-

ରେ ଆତ୍ମନ ! ନିଦ୍ରା ପରିହରି,
ଫେଡ଼ି ଚିନ୍ତାର ଲୋଚନ କର କର ନିରୀକ୍ଷଣ
ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି !
ଭେଟିବାକୁ ମୃତ୍ୟୁସିନ୍ଧୁ କରାଳ ଲହରୀ ।
କି ବେଗରେ ଯାଉଅଛି ଚାଲି,
ସେହି ସ୍ରୋତ ସଙ୍ଗେ ଭାସି ଜୀବନର ସୁଖରାଶି
ଯାହାର ସ୍ମରଣେ ନର ଶୋକଶ୍ୱାସ ଢ଼ାଳି
ଅତୀତକୁ ଉଦ୍‌ବୋଧଇ ବୃଥା ଭାଳିଭାଳି ।

(କବିତା- ଜୀବନ ଚିନ୍ତା)

### ୯. ପିତାମାତା : ଜୀବନ୍ତ ଦେବତା :-

ପ୍ରତ୍ୟକ୍ଷ ଦେବତା ବୋଲି ମଣିବହେ ଜନନୀ ଜନକେ !
କରିବ ଦୁହିଁଙ୍କ ସେବା ପ୍ରାଣପଣେ ବାଳିକା ବାଳକେ ।
ଅଟଇ ପରମ ଗୁରୁ ପିତାମାତା ଘେନ ଏହି ଦୀକ୍ଷା,
ଆକାଶ ହୁଁ ବଡ଼ ପିତା, ମାତା ବଡ଼ ପୃଥିବୀ ଅପେକ୍ଷା ।

(ନୀତି ରତ୍ନମାଳା)

## ୧୦. ଆତ୍ମ ନିୟନ୍ତ୍ରଣ :-

ନୁହେଁ ବୃଦ୍ଧ ସେହି ଜନ ଶୁକ୍ଳକେଶ ଅଟେ ଯାରଶିର
ଯୌବନେ ଯେ ଜ୍ଞାନେରତ ଦେବେ ତାକୁ ବୋଲନ୍ତି ସ୍ଥବିର ।
ନିଜେ ସେ ନିଜର ବନ୍ଧୁ ଜିତେନ୍ଦ୍ରିୟ ଅଟଇ ଯେ ଜନ
ନିଜେ ସେ ନିଜର ବୈରୀ, ରିପୁଙ୍କୁ ଯେ ନ କରେ ଦମନ ।
(ନୀତି ରତ୍ନମାଳା)

## ୧୧. ଧର୍ମ ଏକ ଧନ :-

ବାଲ୍ୟ କାଳୁ ଧର୍ମ - ଧନ ମୁଁ ସ□ିବି
ଏ ଜୀବନ ଅନିଶ୍ଚିତ,
କେ ଜାଣେ କାହାର ଆଜି ମୃତ୍ୟୁ କାଳ
ହୋଇଯିବ ଉପସ୍ଥିତ ।
(କବିତା - ଧର୍ମ)

ବାକ୍ୟରେ ମନରେ କି ଅବା କର୍ମରେ
ନ କରିବି ପାପାଚ୍ଚର,
ତେଜିବି ଅସତ୍ୟ ହିଂସା କପଟତା
ଲୋଭ କ୍ରୋଧ ଅହଂକାର । ( କବିତା - ଧର୍ମ)

## ୧୨. ସୁସଙ୍ଗ ଓ କୁସଙ୍ଗ :-

ସାଧୁ ସୁଜନ ସଙ୍ଗତରେ, ଧନ୍ୟ ଯେ ନିତ୍ୟ ବାସ କରେ,
ଦୁର୍ଜନ ସଙ୍ଗେ କଲେ ବାସ, ନିଶ୍ଚେ ଘଟିବ ସର୍ବନାଶ
ସର୍ପ ସମାନେ ଭୟଙ୍କର, ଦୁର୍ଜନ ଜନେ ପରିହର ।
(କବିତା - ସଙ୍ଗ)

## ୧୩. ସତ୍ୟ ପ୍ରିୟ ବାଣୀର ମହ□୍ୱ :-

କପଟ ଚିନ୍ତା ପରିହରି, ସରଳ ଭାବ ହୃଦେ ଧରି,
ଭାଷିଣ ସତ୍ୟପ୍ରିୟ ବାଣୀ, ତୋଷିବ ନିତ୍ୟ ସର୍ବ ପ୍ରାଣୀ ।
(କବିତା – ସୁଶୀଳତା)

## ୧୪. ଧର୍ମର ମହ□୍ୱ :-

ଧର୍ମ ଆହା ସେ କିବା ଅମୂଲ୍ୟ ଧନ
ସରି ନୁହଇ ତା'ର ମଣି କା□ନ,
ସ୍ୱର୍ଗୀୟ ମାଧୁରୀରେ ସଦାସୁନ୍ଦର,
ମହୀମଣ୍ଡଳେ ନାହିଁ ତା' ପଟାନ୍ତର ।
(ଅନୂଦିତ କବିତା- ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ)

## ୧୫. ବୃଥା ଭାବନା ମୂଲ୍ୟହୀନ :-

ବୃଥା ଭାବନା ଆଉ କରିବି ନାହିଁ,
ଭାବନାରେ ଆନନ୍ଦ ମିଳଇ ନାହିଁ
(ଅନୂଦିତ କବିତା- ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ)

## ୧୬. ବିପଦ ହିଁ କଷଟି ପଥର :-

କା□ନ ବିଶୁଦ୍ଧ ଅବା ସେ ଅଟେ ମିଶ୍ରିତ
ଜଣାପଡ଼େ ଅନଳରେ ହେଲେ ପରୀକ୍ଷିତ,
ସାଧୁତା ବା ଅସାଧୁତା ମନୁଷ୍ୟର ତଥା,
ବିପଦ କାଳରେ ଜଣା ପଡ଼ଇ ସର୍ବଥା ।

## ୧୭. ସୃଷ୍ଟିର ଅମୃତତତ୍ତ୍ୱ :-

ମଧୁମୟ ସୃଷ୍ଟି ସୁଧାମୟ ସୃଷ୍ଟି
ଏ ସୃଷ୍ଟି ଅମୃତମୟ ହେ,
ଜାଗ ନରନାରୀ ଅମୃତ ସନ୍ତତି
ପିଅ ସେ ଅମୃତ ପୟ ହେ ।

(କବିତା - ଏ ସୃଷ୍ଟି ଅମୃତମୟ ହେ)

❑❑



# ପଲ୍ଲୀକବି ନନ୍ଦକିଶୋର ବଳ

ଜନ୍ମ :୧୮୭୫ ମସିହା

ମୃତ୍ୟୁ : ୧୯୨୮ ମସିହା

ଜନ୍ମସ୍ଥାନ : ମାହାଙ୍ଗା ଅନ୍ତର୍ଗତ କୁସୁପୁର ଗ୍ରାମ

ପଦ୍ୟ ରଚନା :

ପଲ୍ଲୀଚିତ୍ର (ପ୍ରଥମଭାଗ), ପ୍ରଭାତସଂଗୀତ,

ପଲ୍ଲୀଚିତ୍ର (ଦ୍ୱିତୀୟଭାଗ),

ପଲ୍ଲୀଚିତ୍ର (ତୃତୀୟଭାଗ), ସୀତାବନବାସ(କାବ୍ୟ),

ନିର୍ଝରିଣୀ, ଶର୍ମିଷ୍ଠା(କାବ୍ୟ),

କୃଷ୍ଣକୁମାରୀ (କାବ୍ୟ),

ତରଙ୍ଗିଣୀ ଇତ୍ୟାଦି ।

## ୧. ପଲ୍ଲୀଗୀତିକାର ରୂପାୟନ :-

ଉଚ୍ଚପରବତ କୁ□ୃକୁ□ୃକା।
ତହିଁରେ ବସିଛି ତିନିମାଞ୍ଜିକା
ତିନିତିନି ପଣ ଅଠର ପଣ,
ଭାଇଙ୍କ ଡକାଇ କଉଡ଼ି ଗଣ।
କଉଡ଼ି ଗଣାରେ ପାହିଲା ରାତି
ଚୋର ନେଇଗଲା କଜଳ ପାତି।
ଷାଠିଏ ଟଙ୍କାର ବଳଦ ମଲା,
ଏକା କାଳିଗାଇ ମଥାନ କଲା,
ଆସ ଗୋ ସଂଗାତ ଗାଧୋଇ ଯିବା
କଇଁଚି କାକୁଡ଼ି ତୋଳି ଆଣିବା
କଇଁଚି କାକୁଡ଼ି ମୁଣ୍ଡରେ ପିତା,
ଛଅ ବୋହୁଙ୍କର ଛଅ ଦୁହିତା।

## ୨. ସର୍ବଧର୍ମ ସମନ୍ୱୟ :-

ହରି ହରି କୃଷ୍ଣ ଡାକୁଅଛି କେହି
ବ୍ରହ୍ମା, ବିଷ୍ଣୁ, ଶିବ, ରାମ
କେହି ଡାକେ ଖୋଦା କେହି ଡାକେ ଗଡ଼୍
ସେହି ଜଣକର ନାମ।
କାହିଁ ସେ ଅଛନ୍ତି କେତେ ଦୂର ଦେଶେ
ଖୋଜୁଛନ୍ତି ଜ୍ଞାନୀ ମାନେ
ଅଣୁପରମାଣୁ ବ୍ୟାପି ରହଛନ୍ତି
ଲୀଳା କରି ପ୍ରାଣେ ପ୍ରାଣେ।

## ୩. ଅମୃତମୟୀ କ୍ଷମାର ମହ□୍ୱ :-

କ୍ଷମାକଲେ ଝିଅ    କ୍ଷମା ତ ମିଳଇ
            କ୍ଷମାର ନମିଳେ ଅନ୍ତ,
କ୍ଷମାର ଗ୍ରହୀତା    କ୍ଷମାଦାତା ଦୁହେଁ
            ଏ ଭୁବନେ ଭାଗ୍ୟବନ୍ତ।
ଦିବ୍ୟଧାମୁଁ ସୁଧା-   ତରଙ୍ଗିଣୀ ତଟୁଁ
            ଓହ୍ଲାଇ ଆସିଛି କ୍ଷମା,
ପ୍ରାଣୀ ହିତକର    ବାରିଦ ଜୀବନ
            ସୁନିର୍ମଳ ଧାରା ସମା।
ବଇକୁଣ୍ଠ ଗନ୍ତା-    ଘରୁଁ କୈବଲ୍ୟ କି
            ଛିଡ଼ିକି ପଡ଼ିଛି ତଳେ ?
ସ୍ୱର୍ଗୀୟ କରଇ    ଏହି ଦିବ୍ୟକ୍ଷମା
            ପାର୍ଥିବ ଶରୀର ବଳେ। (ଶର୍ମିଷ୍ଠା)

## ୪. ସହନଶୀଳତାର ମହ□୍ୱ:-

ଶତବର୍ଷ ଯଜ୍ଞ        ପ୍ରତିମା ପୂଜାରେ
            ଯେ ଧର୍ମ ନୁହେଁ ସ□ୃତ,
କାହା ପ୍ରତି କେବେ     କୁପିତ ନୋହିଲେ
            ହୁଏ ସେ ପୁଣ୍ୟ ଅର୍ଜିତ।
କହିବା ଲୋକ ତ      ମହତ ନୁହଇ
            ମହତ ସହିବାଜନ,
ସହିଷ୍ଣୁତାହୀନ       ବାଳକବାଳିକା
            ହୁଅନ୍ତି କ୍ରୋଧେ ଅଜ୍ଞାନ। (ଶର୍ମିଷ୍ଠା)

## ୫. ଜୀବନ ଓ ଯୌବନର କ୍ଷଣିକତା :-

କ୍ଷଣିକ ଜୀବନ    କ୍ଷଣିକ ଯୌବନ
    କ୍ଷଣିକ ଏ ଧନଜନ
ନଶ୍ୱର ଜଗତ    ଲୀଳା ଦେଖମାତଃ
    ସ୍ଥିର କରି ଆତ୍ମା ମନ।
ନଶ୍ୱର ଦେହରେ    ଯୌବନ କୁସୁମ
    ଫୁଟି ଦୁଇ ଦିନେ ଝଡ଼େ,
ଗୋଡ଼ରେ ଆଡ଼େଇ    ଦିଏ ତା ସଂସାର
    ଖତ କୁଢ଼େ ତାହା ପଡ଼େ।
ରୋଗ ଶୋକ ଜରା    କୀଟ ସେ ଯୌବନ
    କୁସୁମେ ବିକୃତ କରି
ଅଭୋଗ୍ୟ କରନ୍ତି    ନ ଚାହେଁ କେ ତାକୁ
    ନୀରବେ ପଡ଼ଇ ଝରି।    (ଶର୍ମିଷ୍ଠା)

## ୬. ଏ ସଂସାର ଦୁଃଖମୟ :-

ଦେଖେ ମୁଁ ସଂସାରେ    ସରବେ ତ ଦୁଃଖୀ
    କେ ଦରିଦ୍ର  କେହୁ ରୋଗୀ,
କେହୁ ଶୋକାତୁର    ପୁତ୍ର କନ୍ୟାହୀନ
    କେ ପାତକୀ ହୋଇ ଭୋଗୀ।    (ଶର୍ମିଷ୍ଠା)

## ୭. କ□ବ୍ୟ ହିଁ ଧର୍ମ।

ଏ ସଂସାର ଅଟେ ମହାଶିକ୍ଷା ଭୂମି
    ତ୍ୟାଗ ମହାନ୍ ସାଧନ,
ଇତର ପରାଣୀ    ସମ ନର ହେଲେ
    ଜନମ ତା ଅକାରଣ।

ସୁଖଦୁଃଖ ନୁହେଁ ଏ ଜୀବନ ଲକ୍ଷ୍ୟ
ଏକା କ□ବ୍ୟ ସାଧନ
ମାନବ ଜୀବନ ଅର୍ଣ୍ଣବ ତରଣେ
ହୁଅଇ ସିନା କାରଣ। (ଶର୍ମିଷ୍ଠା)

**୮. ପ୍ରେମର ମହ□ :-**

ପ୍ରେମିକ ନୟନ ସ୍ୱଚ୍ଛ ସରୋବର
ପ୍ରେମ ଆକାଶର ଇନ୍ଦୁ,
ପ୍ରେମଅଟେ ପୂର୍ଣ୍ଣ ଶାରଦ ଚନ୍ଦ୍ରମା
ନେତ୍ର ଉଚ୍ଛ୍ୱସିତ ସିନ୍ଧୁ। (ଶର୍ମିଷ୍ଠା)

**୯. ଯୌବନର ପ୍ରଭାବ :-**

ଧନ୍ୟରେ ଯୌବନ ଧନ୍ୟ ତୋ ଉନ୍ମାଦ
ଧନ୍ୟ ତୋ ମୋହ ଆବେଶେ,
ଯାହା ଯୋଗୁଁ ବିଶ୍ୱ ବିଭାସଇ ଜନ-
-ନେତ୍ରେ ମଧୁମୟ ବେଶେ !
ପ୍ରୀତି ନ ମାନଇ ଜାତି ସଜନିରେ।
ପ୍ରୀତି ନଲୋଡ଼ଇ ପଦ,
ଦେଶକାଳ ପାତ୍ର ବିଚାର ନ ରହେ
ପିଇ ଦେଲେ ପ୍ରୀତି ମଦ। (ଶର୍ମିଷ୍ଠା)

## ୧୦. ଦାରୁଣ ମନକଷ୍ଟର ଚିତ୍ର :-

କି ହେବ ଉଶୀରେ ଶତଦଳ ଦଳେ
ସୁରଭି ମଳୟାନିଳେ,
ବାହ୍ୟ ଉପଚାରେ ଅନ୍ତର ସନ୍ତାପ
ହଟଇ କି କେବେ ତିଳେ ?
ବନ ପୋଡ଼ିଗଲେ ଜାଣନ୍ତି ସକଳେ
ନୀରବରେ ପୋଡ଼େ ମନ,
ମନ ପୋଡ଼ିଗଲେ ସଙ୍ଗେ ସଙ୍ଗେ ହୁଏ
ଦଗଧ ବିଶ୍ୱଭୁବନ । (ଶର୍ମିଷ୍ଠା)

## ୧୧. ପ୍ରେମର ଏକନିଷ୍ଠତା :-

କେତେ ହ୍ରଦନଦୀ ସରସୀ ସମୁଦ୍ର
ନାହିଁ ଏ ଅବନୀ ତଳେ !
ସର୍ବ ଆଶା ତେଜି ନିବେଶେ ଚାତକ
ଆଶା ଜଳଧର ଜଳେ । (ଶର୍ମିଷ୍ଠା)

## ୧୨. କାମ ଓ ପ୍ରେମର ପ୍ରଭେଦ :-

ଏ ଜଗତ ଆହା ଚର୍ମବର୍ଣ୍ଣ ବାଇ
ଯାହା ଦେଖୁଁ ଭବେ ନିତି,
କାମଭୋଗ ତୃଷ୍ଣା ରୂପଜ ମୋହ ସେ
ନୁହଇ ନିଃସ୍ୱାର୍ଥ ପ୍ରୀତି ।

ପୀରତି ସ୍ୱର୍ଗୀୟ  କାମ ନାରକୀୟ
କାମ ନୁହେ ପ୍ରେମ ସରି,
ପ୍ରେମ କାମ ମଧ୍ୟେ  ପ୍ରଭେଦ ବିଶେଷ
ସ୍ୱରଗ ନରକ ପରି ।
କାମ ଅମାନିଶା  ଘନ କୃଷ୍ଣ ଧ୍ୱାନ୍ତ
ପ୍ରେମ ପୂର୍ଣ୍ଣେନ୍ଦୁ କିରଣ,
କାମ ପ୍ରାବୃଟର  ଘୋର ଘନ, ପ୍ରେମ
ଶାରଦ ଚନ୍ଦ୍ରିକା ଜାଣ ।
କାମ ନିଦାଘର  ତପ୍ତ ରୌଦ୍ରତାପ
ପ୍ରେମ ଜ୍ୟୋସ୍ନା ଶରତର
କାମ ଅଟେ ଘୋର  କୃଷ୍ଣବର୍ଣ୍ଣ, ପ୍ରେମ
ସ୍ୱଚ୍ଛ ଶୁଭ୍ର ପବିତର । (ଶର୍ମିଷ୍ଠା)

### ୧୩. ପର କୁକର୍ମରେ ପର ହିଁ ଦୋଷୀ :-

ପର କୁକର୍ମରେ  ପର ସିନା ଦୋଷୀ
ଭୁଞ୍ଜିବ ସେ ପାପଫଳ,
ତାହା ଅପରାଧେ  ତୋ ଅନ୍ତର କିପାଁ
ହେବ କ୍ରୋଧେ ଜରଜର । (ଶର୍ମିଷ୍ଠା)

### ୧୪. ପ୍ରବୃ□ ଓ ନିବୃ□ :-

ପ୍ରବୃ□ ପ୍ରଥମେ  ସହଜ ସୁନ୍ଦର
ଅନ୍ତେ ଅଶାନ୍ତିର ହେତୁ,
ନିବୃ□ ପଥରେ  କ□କାସ୍ତରଣ
ଚରମେ ବିଜୟ କେତୁ ।

ହେ ନୃପସ□ମ    ଇନ୍ଦ୍ରିୟ ଦମନ
ତେଣୁ ସଦା ଶାନ୍ତିପଥ,
ସଂଯମରେ ଶାନ୍ତି   ସମ୍ଭୋଗେ ପିପାସା
ପ୍ରବଳ ହୁଏ ସନ୍ତତ।  (ଶର୍ମିଷ୍ଠା)

## ୧୫. କର୍ମ ହିଁ ଜୀବନ :-

କର୍ମହିଁ ଜୀବନ    କର୍ମହିଁ ଉଦ୍ଦେଶ୍ୟ
ଜଡ଼ତା ଜୀବନ୍ତ ମରଣ ସିନା,
ଦୁର୍ଲ୍ଲଭ ମାନବ    ଜନମ ବିଅର୍ଥ
ଜୀବନ କ□ବ୍ୟ ସାଧନ ବିନା।    (ଶର୍ମିଷ୍ଠା)

## ୧୬. ଜୀବନରେ ଦିଗ୍‌ଦର୍ଶନ :-

ଝାଡ଼ ଜଙ୍ଗଲ ଭୂମି ଅରଜ ଧନ
ଝଟକ ବିଦୁ ପରି ଯିବ ଜୀବନ।
ନିନ୍ଦନୀୟ କରମ କରିବୁ ଯେବେ,
ନଗଣ୍ୟ ଜୀବନକୁ ଲଭିବୁ ତେବେ।
ନକଲେ ପାପପଥେ କେବେ ଗମନ,
ନହେବ କେବେ ତୋର ଅଧଃପତନ।

## ୧୭. ଭକ୍ତର ଭଗବାନ :-

ଭରତିଆ ଚଢ଼େଇକୁ ଘୋଡ଼ାଇଲ ଘ□
ନିସ୍ତାରିଲ ଗଜ ପ୍ରଭୁ କାଟି ଗ୍ରାହା-ଥ□
ଗର୍ଭିଣୀ ହରିଣୀ ତାରି ମାରିଲ ଶବରେ।
ଭକ୍ତକୁ ତାରିଲ ପ୍ରଭୁ ଯୁଗ ଯୁଗାନ୍ତରେ।

ଏକାଦଶ ଅକ୍ଷୌହିଣୀ–ନାହାଦୁର୍ଯ୍ୟୋଧନ,
ସାହା ଯାର ଭୀଷ୍ମ ଦ୍ରୋଣ ଅଶ୍ୱତ୍‌ଥାମା କର୍ଣ୍ଣ।
ରଣରେ ହାରିଲେ ଶେଷେ ଜିଣିଲେ ପାଣ୍ଡବେ।
ଧର୍ମ ଯହିଁ ଜୟ ତହିଁ ବିଶ୍ୱ ଧର୍ମହବେ।

## ୧୮. ଜଙ୍ଗଲର ସୁରକ୍ଷା ପାଇଁ :-

ରହ ଆରେ କାଠୁରିଆ ନ ପକାଅ ହାଣି,
ଶୁଣ କର୍ଣ୍ଣ ଡେରି ଥରେ ଏ ଗଛ କାହାଣୀ।
ନଫୁଟୁ ପଛକେ ବାସ–ଫୁଲ ଗଛ ଦେହେ,
ନଉଡୁ ପଛକେ ମଧୁ ମକ୍ଷିକା ସେନେହେ।
ନଫଳୁ ପଛେ ଏ ଗଛେ ମିଠା ମିଠା ଫଳ
ଖରାବେଳେ ବାଟୋଇ ତ ବସେ ଏହାତଳ ।
ଛାଡ଼ିଯାଆ କାଠୁରିଆ ନପକାଅ ହାଣି
ଶୁଣ କାନ ଡେରି ଥରେ ଏ ଗଛ କାହାଣୀ।

## ୧୯. ମନୁଷ୍ୟର ଅଜ୍ଞାନତା :-

ଅଜ୍ଞାନ ତିମିରରେ ଆଛନ୍ନ ପ୍ରାଣୀ
ପ୍ରକୃତ ତ□ପଥ ନପାରେ ଜାଣି,
ପରମୁହୂ□ କଥା ନାହିଁ ତା ଜ୍ଞାନ,
ଭବ ଅନ୍ଧକୂପରେ ଘୋର ଅଜ୍ଞାନ ।
ସୃଷ୍ଟିର ତ□ତାକୁ ରହସ୍ୟମୟ
ବିଷମ ସମସ୍ୟା ହିଁ ନିଜ ହୃଦୟ।
ନିଜ ସୁଖରେ ସର୍ବେ ଅଛନ୍ତି ଧାଇଁ
ପ୍ରେମ, ସ୍ନେହ ତିତିକ୍ଷା ମିଳଇ କାହିଁ।

## ୨୦. ଅଶାନ୍ତ ଜୀବନ :-

ନୁହେଁ ସଂସାର ସୁଖଶାନ୍ତିର ସ୍ଥାନ
ଭୁଞ୍ଜାଇ ନର ଏଥି କଷଣ ମାନ।
ଘୋର ବିକଟ ଷଡ଼ ରିପୁ ଦାନବେ
ବ୍ୟଥିତ କରୁଛନ୍ତି କ୍ଷୁଦ୍ର ମାନବେ ।
ଲୋଭେ ହୋଇ ମନୁଷ୍ୟ ପାପପଙ୍କିଳ
ଜୀବାତ୍ମା ପୁରୁଷକୁ କରେ ଆବିଳ।

XXXXX

କାମେ ହୁଅଇ ନର କ୍ଷଣେ ଅଜ୍ଞାନ
ନୁହେଁ ସଂସାର ସୁଖ ଶାନ୍ତିର ସ୍ଥାନ
ତଥାପି ଦମି ନ ଯା ଆରେ ମୋ ଚି□
ଅଛି ପୁଣ୍ୟର ପୁରସ୍କାର ଉଚିତ।

## ୨୧. ଜୀବନରେ ନିର୍ଲିପ୍ତତା :-

'ସୁଖ''ସୁଖ' ହୁରି ଛାଡ଼ନ୍ତି ସରବେ
ସୁଖ ନୁହେ ଚିରସ୍ଥାୟୀ
ସୁଖକୁ ଲୋଡ଼ିଲେ 'ସୁଖ''ସୁଖ'ରାଇ
ସୁଖ ସେ ମିଳଇ ନାହିଁ।
କଠିନ କ□ବ୍ୟେ ପର ଉପକାରେ
ଅଛଇ ସ□ୃତ ସୁଖ
ସଂସାରେ ନିର୍ଲିପ୍ତ ହୋଇଦୂରେ ଥାଇ
ଏଡ଼ିପାରେ ନରଦୁଃଖ।

ବିଷୟ ବିଷକୁ   ପିଇଲେ ବିଷାଦ
ଜମ୍ଭାଳେ ବୁଡ଼ନ୍ତି ନରେ,
ବୈରାଗ୍ୟ-ଶିଖରୁ  ତଳ ଲୀଳା-ଶୋଭା
ଜନ ଦରଶନ କରେ ।   (ଶର୍ମିଷ୍ଠା)

## ୨୨. ବ୍ୟକ୍ତିଜୀବନର ଦୁଃଖ :-

କେହି ଦୁଃଖୀ ଧନେ   କେହି ଦୁଃଖୀ ଜନେ
କେହୁ ମନେ, କେହୁ ମାନେ,
କେ ଦାରିଦ୍ର୍ୟେ କେହୁ   ଧର୍ମ ପୁଣ୍ୟ ପ୍ରେମେ
କେହୁ ରୋଗେ କେ ଅଜ୍ଞାନେ ।
ବିଧି କାହାପତ୍ରେ   ଅଜାଡ଼ି ନାହାନ୍ତି
ପାତ୍ର-ପୂର୍ଣ୍ଣ ସୁଖ ସୁଧା,
ସାରା ସଂସାରରେ   ମୋ□ ଅଛି ଭଲା
କାହାସୁଖ ଭୋଗ କ୍ଷୁଧା ।   (ଶର୍ମିଷ୍ଠା)

## ୨୩. ସମାଜରେ ବିଶ୍ୱାସଘାତକତାର ଚିତ୍ର :-

ଭାଇ  ଗଳାଭାଇ   କାଟି ପକାଉଛି
ପ୍ରତିଦିନ ଶତ ଶତ
ଭାଳି ଫାଟେ ଛାତି   ଭ୍ରାତା ହସ୍ତେ ଭ୍ରାତା
ହେଉଛନ୍ତି କେତେ ହତ !   (ଶର୍ମିଷ୍ଠା)

## ୨୪. ପୂର୍ଣ୍ଣସୁଖ ଲେଖାନାହିଁ କାହା ଜୀବନରେ :-

କାହାରି କପାଳେ   ଷୋଳ କଳାସୁଖ
ସମଦର୍ଶୀ ନ୍ୟାୟ ବିହି
ଦେହମନ ଆତ୍ମା   ସର୍ବ ବିଷୟରେ
କାହିଁ ତ ନାହାନ୍ତି ଲିହି ।   (ଶର୍ମିଷ୍ଠା)

**୨୫. ମନର ସ୍ୱରୂପ :-**

ମନସିନା ସର୍ବ ସୁଖର ନିଦାନ
ମନଟି ଦୁଃଖ କାରଣ,
ମନେ ଯେବେ ନାହିଁ ସୁଖ ଏ ସଂସାରେ
ସବୁହୁଏ ଅକାରଣ। (ଶର୍ମିଷ୍ଠା)

**୨୬. ପ୍ରେମରେ ପୂର୍ଣ୍ଣତାର ଚିତ୍ର :-**

ଚଉଦ ଭୁବନ ପୂର୍ଣ୍ଣକରେ ପ୍ରେମ
କିଛି ଶୂନ୍ୟ ନ ଦିଶଇ,
ପ୍ରେମିକ ପ୍ରେମିକା ପରସ୍ପରେ ଭୁଲି
ନପାରନ୍ତି କାହିଁ ରହି। (ଶର୍ମିଷ୍ଠା)

**୨୭. ତ୍ୟାଗରେ ହିଁ ପ୍ରେମ :-**

ଭୋଗେ ବଢ଼େ କାମ ତ୍ୟାଗେ ବଢ଼େ ପ୍ରେମ
ମିଳନେ ପ୍ରଗାଢ଼ କାମ,
ବିଛେଦେ ବଢ଼ଇ ନିର୍ମଳ ପୀରତି
ଆଶ୍ରିଣ ପ୍ରଣୟୀ ନାମ।
(ଶର୍ମିଷ୍ଠା)

**୨୮.ବ୍ୟକ୍ତିଜୀବନର ସୁଖଦୁଃଖ :-**

ବିକଚ କୁସୁମକୁ କ□କ ସରି
ସୁଖକୁ ଦୁଃଖ ସଦା ଅଛି ଆଦରି।
(ନିର୍ଝରିଣୀ)

❑❑



# ଉତ୍କଳମଣି ଗୋପବନ୍ଧୁ ଦାସ

ଜନ୍ମ : ୧୮୭୭ ମସିହା

ମୃତ୍ୟୁ : ୧୯୨୮ ମସିହା

ଜନ୍ମସ୍ଥାନ : ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମ

ପିତାଙ୍କ ନାମ : ଦୈତାରୀ ଦାସ

ମାତାଙ୍କ ନାମ : ସ୍ୱର୍ଣ୍ଣମୟୀ ଦେବୀ

ରଚନା ସମ୍ଭାର : (କାବ୍ୟ କବିତା)

ଅବକାଶ ଚିନ୍ତା

ବନ୍ଦୀର ଆତ୍ମକଥା

ବନ୍ଦୀର ସ୍ୱଦେଶ ଚିନ୍ତା

ଧର୍ମପଦ

ଗୋମହାତ୍ମ୍ୟ

ନଚିକେତା ଉପାଖ୍ୟାନ ଇତ୍ୟାଦି ।

## ୧. ଭାରତ ଓ ଭାରତୀୟତା :-

ଜଗତ ସରସେ ଭାରତ କମଳ,
ତା' ମଧ୍ୟେ କେଶର ପୁଣ୍ୟ ନୀଳାଚଳ ।
ଥିଲେ ଯହିଁ ତହିଁ ଭାରତ ବକ୍ଷରେ,
ମଣିବି ମୁଁ ଅଛି ଆପଣା କକ୍ଷରେ ।
ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ
ପ୍ରତି ସ୍ଥାନ ମୋର ପ୍ରିୟ ପୁରୀ ଧାମ ।
ସକଳ ସଲିଳ ପ□ତୀର୍ଥ ଜଳ
ପ୍ରତିଧର୍ମାଳୟ ମୋର ନୀଳାଚଳ ।
ଭାରତର ପ୍ରତିବୃକ୍ଷ କଳ୍ପବଟ
ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ ।        (ବନ୍ଦୀର ଆତ୍ମକଥା)

## ୨. ଦେଶ ପ୍ରେମ ପାଇଁ :-

ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ଼,
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।
ସ୍ୱାଧୀନତା ପଥେ ତିଳେ ହେଲେ ନର,
ମୋ ଜୀବନ ଦାନେ ହେଉ ଅଗ୍ରସର । (ବନ୍ଦୀର ଆତ୍ମକଥା)

## ୩. ଦେଶାତ୍ମବୋଧ ପାଇଁ :-

କହୁଥିଲି ପରା ବୁଲି ଗ୍ରାମଗ୍ରାମ,
ଦେଶପାଇଁ ଦଶପାଇଁ କରି କାମ ।

ମିଳେ ଯଦି କାହା ଭାଗ୍ୟେ କାରାବାସ
କାରା ନୁହଇ ସେ ପବିତ୍ର ପ୍ରଭାସ ।
ପୂର୍ବ ପୁରୁଷର ପବିତ୍ର ଶ୍ମଶାନ
ଦେଶର ଜାତିର ଗଉରବ ଗାନ
ପୁଣ୍ୟ ଜନ୍ମମାଟି ପୁଣ୍ୟ ଦେବାଳୟ,
ଉଦ୍ଧାରିବା ପାଇଁ କଲେ ତନୁକ୍ଷୟ ।
ମାନବ ଜନମ ହୁଅଇ ସଫଳ,
ଏ ମହାଦୀକ୍ଷା କି ବୁଝିବ ଉତ୍କଳ ?  (ବନ୍ଦୀର ଆତ୍ମକଥା)

**୪. ସ୍ୱାଧୀନତାର ସଂଜ୍ଞା :-**

ସ୍ୱାଧୀନତା ମାନବର ଜନ୍ମ ଅଧିକାର,
ସ୍ୱାଧୀନ ଭାଷଣ ଆଉ ସ୍ୱାଧୀନ ବିହାର,
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି,
ଚାରିସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।  (ପିତୃପକ୍ଷ ତର୍ପଣ)

**୫. ଜୀବନର ଲକ୍ଷ୍ୟ :-**

କାପୁରୁଷ ପରି    ମରିବା ଜଗତେ
ନୁହେଁ ନର ପଉରୁଷ,
ପର ହିତସାଧି    ମରେ ଯେ ମହୀରେ
ସେହି ଏକା ସୁପୁରୁଷ ।
ମାନବ ଜୀବନ    ନୁହଇ କେବଳ
ବର୍ଷ ମାସ ଦିନଦଣ୍ଡ,
କର୍ମେ ଜୀଏଁ ନର    କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।    (ଧର୍ମପଦ)

## ୬. ଜୀବନର ସାର୍ଥକତା ପାଇଁ :-

ମୁହୂ□ ମାତର          ଉଜ୍ୱଳ ପ୍ରଖର
    ଶିଖା ଟେକି ହୁତାଶନ,
ଜଳି ଯେବେ କରେ          ଆଲୋକ ଉ□ାପ
    ଚଉଦିଗେ ବିତରଣ ।
ଲିଭୁ ସେ କ୍ଷଣକେ          ତଥାପି ଏ ଲୋକେ
    ରହେ ତା' ଆଦରଯଶ,
କି ଲୋଡ଼ା ତହିଁରେ          ରହେ ଯେ ମହୀରେ
    କୁହୁଳି ସହସ୍ର ବର୍ଷ ।   (ଧର୍ମପଦ)

## ୭. ବାତ୍ସଲ୍ୟ ମମତା ପାଇଁ (ଧର୍ମପଦର ମାଆର ମୁଖରେ)

ଲକ୍ଷେ ଦେବଦେବୀ          ପାଦ ସେବିସେବି
    ପାଇଛି ରେ ତତେ ଧନ,
କେତେ ମରି ମରି          ରଙ୍କୁଣୀ ସଂଖାଳି
    ତୁ ମୋ' ଜୀବ ଜୀବନ ।
ତତେ ଚାହିଁ ସିନା          କାଟୁଛି ମୁଁ ଦିନ
    ଏକାକିନୀ ଏତେ କାଳ,
କହ ମନ କଥା          ମୋ କୁଳ ଚନ୍ଦ୍ରମା
    ଭିକାରିଣୀ ଗଳାମାଳ ।
ମୋନେତ୍ର ପିତୁଳି          ଛାଡ଼ିକି ରେ ତତେ
    ପାରିବି ମୁଁ କ୍ଷଣେ ବ□,
ମୋ ଅନ୍ଧାର ଘରେ ତୁ ଏକା ପ୍ରଦୀପ
    ମୋ ହୃଦ ସିନ୍ଧୁକ କ□ ।  (ଧର୍ମପଦ)

**୮. ନୀରବତାର ସ୍ୱରୂପ :-**

ନୀରବେ ପ୍ରସରେ କ୍ଷଣେ ଦିବ୍ୟ ଜ୍ୟୋତିଧାରା,
ନୀରବେ ଆକାଶେ ଉଦେ ରବି-ଶଶୀ-ତାରା ।
ନୀରବେ ବଢ଼ଇ ତରୁ ଲତା ମହୀଧର,
ନୀରବ ନିଶ୍ଚଳ ବିଶ୍ୱନିଗୂଢ଼ ମନ୍ତର । (କବିତା - ନୀରବ)

**୯. ଭାରତ ଭାବନା :-**

ପଡୁ ଏ ଭାରତ ପ୍ରାଣେ ସ୍ୱର୍ଗୀୟ କିରଣ,
ନନ୍ଦନକାନନୁ ବହୁ ସ୍ନିଗ୍ଧ ସମୀରଣ,
ସର୍ବସିନ୍ଧୁ ସ୍ରୋତେ କ୍ଷରୁ ମଧୁମୟନୀର ।
ବହୁମଧୁ ମୟଗନ୍ଧ ଶୀତଳ ସମୀର ।
ମଧୁମୟରସେ ପୁଷ୍ଟ ହେଉ ବନସ୍ପତି
ମଧୁମୟ ରସେ ଶୋଭୁ ସର୍ବ ବସୁମତି
ମଧୁମୟ ବାତେ ହେଉ ବିଶ୍ୱ ନିନାଦିତ
ଉଠୁ ବିଶ୍ୱପ୍ରାଣେ ମଧୁ ଅମୃତ ସଂଗୀତ । (ପିତୃପକ୍ଷ ତର୍ପଣ)

**୧୦. ଉତ୍କଳ ଭାବନା :-**

ଉତ୍କଳ ତନୟେ ଦିଅ ନବବଳ,
ଉତ୍କଳ ପାଦପେ ରସମୟଫଳ ।
ଉତ୍କଳ ସରିତେ ପବିତ୍ର ଜୀବନ,
ଉତ୍କଳ କାନନେ ସ୍ୱର୍ଗୀୟ ସୁମନ ।
ଉତ୍କଳ ଆକାଶେ ନବ ଯଶରବି,
ଉତ୍କଳ ପ୍ରକୃତି ଧରୁ ନବଛବି ।
(କବିତା-ବିଂଶଶତାବ୍ଦୀ ପ୍ରଥମଦିନ ବାରବାଟୀ ଦର୍ଶନ)

## ୧୧. ସହିଷ୍ଣୁତା ହିଁ ପ୍ରେମ :-

ଜୀବନ ତ ଖାଲି ନିରାଶାର ବାଲି
ମରୁ ମରୀଚି କି ସେନେହ ପ୍ରୀତି,
ତେବେ କି ଆଶାରେ କହ ଏ ସଂସାରେ
ପରଲାଗି ନର ମରୁଛି ନିତି ।
ପ୍ରେମ ପରା ସହେ ସହି ସୁଖ ପାଏ
ପ୍ରେମ ନ ଜାଣଇ କେବେ ଶୋଚନା,
ପ୍ରିୟଜନେ ନୁହେଁ ପ୍ରେମିକ ବିମୁଖ
ହେଲେ ହେଉ ଯେତେ ଗୁରୁ ଗଞ୍ଜଣା ।
ଫୁଲ ପରି ପ୍ରେମ ଝାଉଁଳେ କି ବନେ
ପ୍ରେମ ଯେ ଅନନ୍ତ ଅକ୍ଷୟ ଧାରା,
ଦୂର କଲେ ମତେ ହେବି କି ଅନ୍ତର
ତୁମେ ଯେ ମୋ ପ୍ରାଣ ପ୍ରଣୟକାରା ।
(ବ୍ୟଥିତ ପ୍ରାଣର ଅନ୍ତିମ ଅଶ୍ରୁ)

## ୧୨. ଆଧ୍ୟାତ୍ମିକତାପାଇଁ :-

ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ,
ନିଜ ଅଭ୍ୟନ୍ତର ଦେଖ ଫେଡ଼ିଣ ନୟନ ।
ହୃଦ କପିଳାସେ ତୋର ବହେ ପ୍ରେମଝର,
ବିଜେ କରିଛନ୍ତି ତହିଁ ସ୍ୱୟଂଭୂ ଶଙ୍କର ।
ଉଜାଗର ରହି କର ତାଙ୍କ ପ୍ରିୟକର୍ମ,
ପାଇବାକୁ ବାଞ୍ଛା ଯେବେ ଶିବରାତ୍ରୀ ଧର୍ମ ।
ସମସ୍ତ ଜୀବନ କର ଏକ ଶିବରାତ୍ରୀ,
ଅନ୍ଧାରେ ନ ବୁଡ଼ ପଥ ହେ ସ୍ୱରଗ ଯାତ୍ରୀ । (କବିତା-ଶିବରାତ୍ରୀ)

## ୧୩. ବିଶ୍ୱପ୍ରେମୀ ଗୋପବନ୍ଧୁ :-

ଗିରି, ସାଗର, ନଦୀ, ତପନ, ଶଶୀ
ସର୍ବେ ଚୁମ୍ବିବେ ମୋତେ ପ୍ରେମେ ପରଶି
ମୋ ପ୍ରାଣ ପ୍ରେମଧାରେ ଭାସିବ ଧରା,
ହେବ ଏ ବିଶ୍ୱ ମୋର ପ୍ରେମପସରା।

(କବିତା-ବିଶ୍ୱର ମିଳନଚିତ୍ର)

## ୧୪. କାରାକକ୍ଷରେ ବକୁଳବନର ଅନୁଚିନ୍ତା:-

ସତ୍ୟବାଦୀକୁଞ୍ଜ    ଛୁରୀଅନାପୁଞ୍ଜ
ଜାଣିଥିଲେ ଏଥି ତବ ସ□ାର,
ଅବଶ୍ୟ ମୋ'ପାଇଁ    ଥିବେ ପଠିଆଇ
ମୃଦୁ ମଧୁମୟ ଗନ୍ଧ ସମ୍ଭାର।
ବସନ୍ତ ମାଧୁରୀ    କୁଞ୍ଜେକୁଞ୍ଜେ ପୂରି
ପଡୁଥିବ ଯହିଁ ଉଛୁଳି ସତେ,
ଦେବଦ□ ଧାମ    ମୋ ପ୍ରିୟ ଆଶ୍ରମ
ପଡ଼ିଛି କି ତବ ନୟନପଥେ।

(କବିତା - ବନ୍ଦୀର ସ୍ୱଦେଶଚିନ୍ତା)

## ୧୫. ଶ୍ରୀସାକ୍ଷୀଗୋପାଳ ଓ ଶ୍ରୀରାଧାଙ୍କ ବର୍ଣ୍ଣନା :-

ଦେଉଳେ ପ୍ରବେଶି    ଗୋପିନାଥ ବଂଶୀ
ରନ୍ଧ୍ରେ ରଚିଥିବ ଅସ୍ଫୁଟସ୍ୱନ,
ରାଧିକା ଅ□ଳ    ଉଡ଼ାଇ ଚ□ଳ
କରିଥିବ ଜାଣି ବେନିଙ୍କ ମନ।

ହସି ଉଠିଥିବେ ଯୁଗଳ ମୂରତି
ଖସିପଡ଼ିଥିବ ଶ୍ରୀଅଙ୍ଗୁ ଫୁଲ
ନବଘନ ଶିରେ ଆହା କି ରୁଚିରେ
ହଲିଥିବ ବାଙ୍କ-ମୟୂର ଚୂଳ ।
ବଉଳ ସେବତୀ ମରୁଆ ମାଳତୀ
ଚମ୍ପା ନାଗେଶ୍ୱର ଯାଇ ଦୟଣା,
ଚହଟାଇ ବାସ ତବ ଚଉପାଶ
କରିଥିବେ ଗନ୍ଧବ୍ୟୂହ ରଚନା ।
(କବିତା - ବନ୍ଦୀର ସ୍ୱଦେଶଚିନ୍ତା)

## ୧୬. ସମାଜକୁ ଉଚ୍ଚସ୍ଥାନ :-

ରହିଣ ଜଞ୍ଜାଳ ବିଷମ ଜଗତେ,
ସଂସାରୀ ସୋଦର ବାନ୍ଧବ ସଙ୍ଗତେ ।
ଇଚ୍ଛାମତେ କାହୁଁ ଚଳିବ ବା ଜନ,
ସମାଜେ ନିଜର ନୁହେଁ ନିଜ ମନ ।
(ରେଳ ଉପରେ ଚିଲିକା ଦର୍ଶନ)

❑❑



## ପଣ୍ଡିତ ନୀଳକଣ୍ଠ ଦାସ

ଜନ୍ମ : ୧୮୮୪ ମସିହା

ମୃତ୍ୟୁ : ୧୯୬୭ ମସିହା

ଜନ୍ମସ୍ଥାନ : ପୁରୀ ଜିଲ୍ଲାର ସତ୍ୟବାଦୀ ନିକଟସ୍ଥ ଶ୍ରୀରାମଚନ୍ଦ୍ରପୁର ଗ୍ରାମ

ପିତାଙ୍କ ନାମ : ଆନନ୍ଦ ଦାଶ

ମାତାଙ୍କ ନାମ : ହାରା ଦେବୀ

ପଦ୍ୟ ରଚନା ସମ୍ଭାର :

 କୋଣାର୍କେ, ଖାରବେଳ, ପ୍ରଣୟିନୀ,
ଦାସନାୟକ ଏବଂ ଭକ୍ତିଗାଥା ।

### ୧. ସତ୍ୟବାଦୀ ଅ□ଳର କୁମାରପୂର୍ଣ୍ଣିମାର ଚିତ୍ର :-

ଆଜି ଯେ କୁଆଁରପୁନିଅଁ କେତେ ସୁଖ ଶରଧା,
ମାଆ ଭଉଣୀଙ୍କ ଆଦର ନବ ବସନ ପିନ୍ଧା ।
ଲୁଗାରେ ହଳଦୀ ଲଗାଇ ଚାହିଁଥିବେ ଜନନୀ,
ପିଠା ପଣା ଖାଉନଥିବ ଆଜି ସୁଖେ ଭଗିନୀ । (କୋଣାର୍କେ)

**୨. ଉତ୍କଳର ନୌବାଣିଜ୍ୟ :-**

କେଉଁ ରାଇଜରୁ ଆସୁଛୁ କହ ବତାସୀ ମୋରେ
ଓଡ଼ିଆ ବୋଇତ ଖବର କିଛି ଆଣିଚୁ କିରେ ?
ବଣିକ କବିତା ଏଇଠି ତୋର ଝଙ୍କାର ନାଦେ
ଆତଙ୍କେ ପରାଣ ପୋଡ଼ିଛି ଗଣି କେତେ ପ୍ରମାଦେ ।
ଏଇ କୂଳେ ବହି ଆଣିଛୁ କେତେ ବୋଇତ ପଟା
ଦେଖାଇ ଲଗାଇ ଦେଇଛୁ କେତେ ଶୋକର ହଟା ।
ଶଙ୍କାରେ ସାଧବ ଲଳନା ତୋତେ ବାରିଛି କେତେ
ସୁତ ଦଇତକୁ ସୁମରି ଦୂର ବୋଇତ ପଥେ । (କୋଣାର୍କେ)

**୩. ଶିଶୁମାନଙ୍କ ପ୍ରତି ବାତ୍ସଲ୍ୟ ମମତା :-**

ଶୁଅ ଶୁଅ ଧନ ଆରାମେ ଶୋଇରହରେ ଶିଶୁ
ପଥଶ୍ରମ କରି ଆସିଛ ଶ୍ରମେ ବିରାମ ମିଶୁ ।
ବହୁ ବାଲିବନ୍ତ ଡେଇଁ ହେ ଆଜି ଆସିଛ ଚାଲି
ସଇକତ-ନଦୀ-ଗରଭେ ପଶି ହୋଇଛ ପାରି ।
(କୋଣାର୍କେ)

**୪. ଦେଶାତ୍ମବୋଧ ଓ ଜାତୀୟତାବୋଧ ପାଇଁ :-**

ମହତ ସେ ଦେଶ ପୁଣ୍ୟ ଦେବଭୂମି
ଶୁଣିଛି ମୁଁ ନରେଦେବତା ତହିଁ
ତାରକା ପାଲଟି ସୁରଲୋକେ ସୁର
ସେ ପୁଣ୍ୟ ଧରଣୀ ଥାଆନ୍ତି ଚାହିଁ ।

ସରଗ ଦୁଆର ପରା ସେହି ଦେଶେ
ବୈକୁଣ୍ଠ ପରା କେଶବେ ଧରେ,
ଯମଦଣ୍ଡପରା ଶଙ୍କିରହେ ଦୂରେ
ବିଷ୍ଣୁଦୂତ ଆସି ନିଅନ୍ତି ନରେ। (ମାୟାଦେବୀ)

**୫. ପ୍ରୀତିର ସ୍ୱର୍ଣ୍ଣିମ ଆଲେଖ୍ୟ :-**

ପୀରତି ତାରକା ପୀରତି ଜୋଛନା
ପୀରତି ତପନ ନିରତେ ହସେ,
ପ୍ରାବୃଟ ପ୍ରଦୋଷ କୁହୁ ଭେଦି ଫୁଟେ
ବିମଳ ପୀରତି ଶାଶ୍ୱତ ହାସେ। (ମାୟାଦେବୀ)

**୬. ଉତ୍କଳର ନୌବାଣିଜ୍ୟ :-**

ତାମ୍ରଲିପ୍ତ ଛାଡ଼ି ଉଠିବ ତରୀ ସିଂହଳତଟେ,
ଉତ୍କଳ-କମଳା ହସିବେ ପୁଣ୍ୟ ଜୈତ୍ର ମୁକୁଟେ। (କୋଣାର୍କେ)

**୭. ରାଧାନାଥଙ୍କୁ ସମାଲୋଚନା :-**

କବିଙ୍କ କେଦାରଗୌରୀ ଆସି ଯବନଦେଶୁ,
ନାଚି ଯିବେ ତିଳେ ସ୍ୱପନେ ତବ ଅଭ୍ୟାସ ବଶୁଁ।
ଘର ଛାଡ଼ି କିପାଁ ଯିବେ ସେ ବୀରବାଳା ନନ୍ଦିକା,
ସହକାର ଦ୍ରୁମ ଗହଳେ ଭେଦି କ୍ଷୀଣ ଚନ୍ଦ୍ରିକା।
କଉସୁଲାଗଙ୍ଗ, ଧଉଳି ଏଇ ନୟନେ ନାଚେ,
କବିଙ୍କି ସୁମରି ବିରାଗେ ମୁହଁ ଫେରାଅ ପଛେ। (କୋଣାର୍କେ)

❑❑



# ପଣ୍ଡିତ ଗୋଦାବରୀଶ ମିଶ୍ର

ଜନ୍ମ : ଅକ୍ଟୋବର ୨୬, ୧୮୮୬
ମୃତ୍ୟୁ : ଜୁଲାଇ ୨୬,୧୯୫୬
ପିତା : ଲିଙ୍ଗରାଜ ମିଶ୍ର
ମାତା : ଅପ୍‌ସରା ଦେବୀ
ଜନ୍ମସ୍ଥାନ : ଶ୍ରୀନିବାସ ପୁର ଶାସନ, ବାଣପୁର, ଖୋର୍ଦ୍ଧା

## ୧. ଉତ୍କଳ ମହିମା :-

ତୁଙ୍ଗ-ଶିଖରୀ-ଚୂଳ,
କୁଞ୍ଜକାନନ ମାଳ
ପୁଣ୍ୟ ଜଳଧି ଜଳ
ଖେଳି ଉଠେ ସଘନେ।
ପ୍ରାଚୀ ଗଗନ ଶିରେ,
ଭାସି କାନକ ନୀରେ
ଆସ ତପନ ଉଇଁ ଏ ଉତ୍କଳ ଭୁବନେ।

ଆହା ! ଏ ଉତ୍କଳ କିବା ସରଗଭୂମି
ବିଲବନ ଶୈଳ ସିନ୍ଧୁ ସୁଷମା ଘେନି
ଜନମି ଏ ଦେଶେ ଆଜି
ଏ ଜନନୀ କୋଳେ ରାଜି
ଧନ୍ୟକୋଟି ନରନାରୀ
ମରନର ଜୀବନେ ।
(କବିତା-ଉଦ୍‌ବୋଧନ)

**୨. ଜାଇର ଶାଶୁଘର ଯାତ୍ରା :-**

"ଭଲକରି ନାଆ ବୁହାରେ ନାଉରୀ
ଝିଅକୁ ମାଡୁଛି ଡର,
ଗଡ଼େ ଗଡ଼ଲୋକେ ଚାହିଁ ବସିଥିବେ
ଝିଅ ଯିବ ଶାଶୁଘର ।"
ଭଲକରି ନାଆ ବାହୁଛି ନାଉରୀ
ତଲେଇ କରିଛି ଠିଆ,
ମାମୁ ଭଣଜାର କଣରୁ ଆସେ ଲୋ
ବହି ସୁଲୁସୁଲୁ ବାଆ ।

xxxxx

ବରଷା ବତାସି ଗରଜି ଆସିଲା
ନାଆ ନୂଆ ଥୟକରି,
ଏକା ପବନକେ ପାହାଡ଼େ ଯାଇ ଲୋ
ପିଟି ହୋଇଗଲା ଚୂରି ।
ବରଷା ବତାସି ଚିଲିକାରେ ଆଉ
ହୁଏ ନାହିଁ ତେଡେଭଲି
ଆପଦେ ବିପଦେ ଜଣାପଡ଼ଇ ଲୋ
ସାହା କିଏ ଥିଲାପରି ।

xxxxx

କାଳିଜାଇ ବଡ ପ୍ରତ୍ୟକ୍ଷ ଦେବତା
କୋଟି କୋଟି ଦଣ୍ଡବତ
ପାହାଡ଼ର ନାଁ ରାଇଜେ ଖ୍ୟାତ ଲୋ
କାଳିଜାଇ ପରବତ। (କବିତା-କାଳିଜାଇ)

**୩. ଜନ୍ମମାଟିକୁ ପ୍ରଣାମ :**

ତୋ ଭଳି ଜନନୀ ଥାଉଁ ଜନମ ଭୂମି
କି ଦୁଃଖ ଏ ଓଡ଼ିଆର ପରାଣେ ପୁଣି ?
ମୋହନ ମୂରତି ସେହି
ଦିଅ ଗୋ ମୋ ଆଜି ଫେଇ
କୋଟିଏ ସନ୍ତାନ ତୋର
ପ୍ରଣମୁଁ ଏ ଚରଣେ ।
(କବିତା- ଉଦ୍‌ବୋଧନ)

**୪. ନୀଳାଚଳ କ୍ଷେତ୍ରର ମହ□୍ୱ-**

ନୀଳାଚଳେ କ୍ଷେତ୍ର ଏ ମ□୍ୟ ମଣ୍ଡଳେ
ସକଳ କ୍ଷେତ୍ରରୁ ବଳି,
ଜଗନ୍ନାଥ ବଡ଼ ଠାକୁର ପରାୟେ
ବସନ୍ତି ରାଜୁତି କରି ।
ସନ୍ଥ ପାଳି ଦୁଷ୍ଟ ଦଇତେ ମାରନ୍ତି
ତୁଳି ଦୋଷ ଗୁଣମାନ
ପାପୀ କି ନରକେ ପକାଇ ସ୍ୱର୍ଗେଲୋ
ବସାନ୍ତି ପୁଣ୍ୟାତ୍ମା ଜନ । (କବିତା- ମାମୁ ଭଣଜା)

## ୫. ଶ୍ରମର ମହ□-

ହସି ତହୁଁ ଗାଲମାଧବ କହିଲା
 ନିଜ ହାତ ଶ୍ରମ ବଳେ
ଛାର ଏ ମଣିଷ ସାଧି ବଡ଼ କାର୍ଯ୍ୟ
 ଧନ୍ୟ ହୁଏ ମହୀତଳେ ।”(କବିତା- ଗାଲ ମାଧବ)

## ୬. ଓଡ଼ିଆ ଜାତିର ଭକ୍ତି ଭାବ -

ଧନ୍ୟ ଏ ଓଡ଼ିଆ ଜଗତ ପତିଙ୍କି
 ଘରେ ଆଣିକରେ ପୂଜା
ଦେବପୁରୀ ବୋଲି ଓଡ଼ିଶା ଦେଶଲୋ
 ମହୀରେ ଉଡୁଛି ଧ୍ୱଜା । (କବିତା- ଗାଲମାଧବ )

❑❑



# ଉତ୍କଳଭାରତୀ କୁନ୍ତଳା କୁମାରୀ ସାବତ

ଜନ୍ମ : ୧୯୦୧ ମସିହା ।
ମୃତ୍ୟୁ : ୧୯୩୮ ମସିହା
ଜନ୍ମସ୍ଥାନ : ଜଗଦଳପୁର
ପିତାଙ୍କ ନାମ: ଦାନିଏଲ ସାବତ
ମାତାଙ୍କ ନାମ: ମନିକା ସାବତ
ରଚନା ସମ୍ଭାର (କାବ୍ୟ କବିତା)
ଅଞ୍ଜଳି, ଉଚ୍ଛ୍ୱାସ, ସ୍ଫୁଲିଙ୍ଗ, ଆହ୍ୱାନ, ପ୍ରେମ ଚିନ୍ତାମଣି,
ଓଡ଼ିଆଙ୍କ କାନ୍ଦଣା ଓ ମଣିକା□ନ ଇତ୍ୟାଦି ଇତ୍ୟାଦି ।

## ୧. ସର୍ବଧର୍ମ ସମନ୍ୱୟ :-

ହରି,ହରି କେହି ଡାକୁଛି ସତତ
            ପ୍ରଭୁ, ପ୍ରଭୁ, କେହି କହେ,
ତୁମ୍ଭ ନାମ ମୁଖେ ନ ନେଇ କିଏ ବା
            ତୁମ ଲାଗି ଦୁଃଖ ସହେ ।

କାଠ ପାଷାଣରେ ଦେଖେ କେ ମୂରତି
ମାନବ ରୂପେ ବା କେ କରଇ ପ୍ରୀତି,
ଜନନୀ ଭାବିଣ କେ କରଇ ନତି
ପିତୃଭାବ କେହି ବହେ।
କୃଷ୍ଣ କହି କେହି କରେ ଆରାଧନା,
ଖ୍ରୀଷ୍ଟକହି କେହି କରୁଛି ବନ୍ଦନା,
ସବୁ ତ ଅର୍ଚ୍ଚନା, ସବୁ ତ ସାଧନା
ସବୁ ସତ୍ୟ ମିଥ୍ୟା ନୁହେ।
(କବିତା – ପୂଜାପଦ୍ଧତି)

## ୨. କବିଙ୍କ ଜୀବନ ଦର୍ଶନ :-

କ୍ଷୁଦ୍ର ମୁହଁ ଦୀନ ମୁହଁ ରେଣୁକଣା ଜଗତେ
ଚାହିଁଲେ ବିଶାଳ ବିଶ୍ୱ ଆସୁଛି କି ପରତେ ?
କ୍ଷୁଦ୍ରହେଲେ ସୁଦ୍ଧା ମୁହିଁ ଅକାରଣେ ଜନ୍ମିନାହିଁ
ଅନନ୍ତ ବିନାଶ ମୋର ଲେଖାନାହିଁ କପାଳେ,
ଏକ ରାତିପାଇଁ ଫୁଟି ଝଡ଼ିଯିବି ସକାଳେ।

xxxxx

ଶେଷଗତି ନୁହେଁ ମୋର ଅବା କେଉଁ କାଳରେ
ମରିବାକୁ ଫୁଟିନାହିଁ ଭବତରୁ ଡାଳରେ
ଅଛିରମ୍ୟ ଉପବନ ଯହିଁ ଫୁଟି ଚିରଦିନ
ଅନନ୍ତ ଅମୃତ ପ୍ରେମ ସୁଧାମୟ ସୁବାସେ
ମୋହିବି ମୋ ପ୍ରାଣପ୍ରିୟ ଦେବତାଙ୍କୁ ଉଲ୍ଲାସେ।
(କବିତା–ଶେଫାଳିପ୍ରତି)

## ୩. କବିଙ୍କର ଜୀବନଚିନ୍ତା :-

କିପାଁ ମୁଁ ମାନବ ଆସି ଏ ବିଦେଶେ,
ଦୁଇଦିନ ପରେ ଫେରିଯିବି ଶେଷେ ।
ଆସିଲି ମୁଁ କାହୁଁ, ଯିବି ମୁଁ କେଣିକି
କହ ତାରା, ମୁହଁ ପାରିବି ଜାଣି କି ?
ଜଣାଇ ପାରୁ କି ନଭୋ ଦେଶବାସୀ,
କାହିଁ ମୋର ଘର, କିପାଁ ମୁଁ ପ୍ରବାସୀ ?
(କବିତା – ତାରାପ୍ରତି)

## ୪. ଜୀବନ ଓ ମ୍ୟର ବୈଶିଷ୍ଟ୍ୟ :-

କିଏ କହେ ବିଶ୍ୱ ବିରାଟ ଛଳନା
ବୃଥା ମାୟାର ବନ୍ଧନ,
ମୁଁ ଦେଖେ ସୁନ୍ଦର ଏ ବିଶ୍ୱ ଉଦାର
ଅନନ୍ତ ପ୍ରେମ ନନ୍ଦନ ।
ବିଶ୍ୱମୋର ଶୁଭ କରମ ଭୁବନ,
କରମ ଲାଗି ମୁଁ ଲଭିଛି ଜନମ,
ମରଣ ନୁହେଁ ମୋ ଚିର ଅବସାନ
ଆରମ୍ଭ ନବୀନ ଜୀବନ ।
(କବିତା–ଚମ୍ପାଦଳ)

## ୫. ଆଶା ଓ ବିଶ୍ୱାସର ଜୟଗାନ :-

ମାନବ ଜୀବନ ନୁହେଁ ମାଟିର ଖେଳନା,
ନୁହେଁ ତାର ପରିଣାମ ଧୂଳି ହେବା ପାଇଁ,
ନୁହେଁ ତାର କର୍ମ ଭବେ ଅସାର କାନ୍ଦଣା ।

ନିତି ଶତରୋଗ, ଶୋକ, ଯାତନା ପୀଡ଼ିତ
ବହୁ କ୍ଲେଶ, ବହୁକଷ୍ଟ ଆୟାସ ବେଦନା,
ବିଧୁରତା, ଦିବାନିଶି ଭଗ୍ନ ମନୋରଥ ।
ତଥାପି ମୋହିବ ଉଷା ଆଲୋକ ଦର୍ଶନ,
ତାହାର ହୃଦୟାକାଶେ ଆଶା ବିଶ୍ୱାସର ।
(କବିତା-ଚିନ୍ତା)

## ୬. ଜାତିପାଇଁ ଉଦ୍‌ବୋଧନ :-

ନିରାଶାର ଗିର ନ ଘୋଷୁ ରସନା
ନ ବାଜୁ ତାହା ଏ ଜାତି ଶ୍ରବଣରେ,
ଦେଢ଼କୋଟି ପ୍ରାଣ ନବ ଜାଗରଣେ
ଦିଅ ଉଠିବାକୁ ନବ ବିକ୍ରମରେ ।
କିପାଁ ଧୂଳି ତଳେ ରଚି ମୃତ୍ୟୁ ଶେଯ,
ହରାଇବେ ସର୍ବେ ନର ବୀର୍ଯ୍ୟ ତେଜ ।
ଅନନ୍ତ ମରଣ ଏ ଜାତି କପାଳେ
ଲେଖି ନାହିଁ ବିଶ୍ୱଧାତ୍ରୀ
ଉଠିବେ ଉଠିବେ ଦେଢ଼କୋଟି ଧରା
ଅମୃତ ପଥଯାତ୍ରୀ
(କବିତା-ତରୁଣର ଆବାହନ)

## ୭. ତାରୁଣ୍ୟର ନିରାଜନା :-

ଫୁଟିଅଛି ଫୁଲ ନାଗେଶ୍ୱର ବନେ ।
ଶୁଭେ ଶଙ୍ଖସ୍ୱନ ଏକାମ୍ର କାନନେ,
ଚାରୁ ଚିତ୍ରୋତ୍ପଳା ସଜାଡ଼ିଛି ମାଳା,

ଲଳିତ – ନଳିନୀ – ଦଳଦାମ ଘେନି,
ପୂଜିବେ ମନ୍ଦାରେ ମଞ୍ଜୁପାଦ ବେନି।
ଆସିବେ ଓହ୍ଲାଇ ସ୍ୱର୍ଗସୀମନ୍ତିନୀ ।
ତରୁଣର ପ୍ରାଣେ ନବ ସଂଜୀବନୀ
ପୂତନୀର ସି□୍ ମୋହିବେ ମୋହିନୀ
ଉତ୍କଳର ପ୍ରାଣାସନେ,
ଅଭିଷେକ ଆଜି ତରୁଣ ରାଜାର
ପ୍ରେମ-ହେମ-ଆଭରଣେ।
(କବିତା-ତରୁଣ ଆବାହନ)

## ୮. ନୀରବତା ପାଇଁ :-

ନୀରବ ରଜନୀ, ନୀରବ ସଂସାର
ନିଦ୍ରାବେଶେ ସ୍ତବ୍ଧ ଦିଗ ଦିଗନ୍ତର।
ନୀରବ ପ୍ରକୃତି ସୁଶାନ୍ତ ସୁନ୍ଦର
ଆବୋରି ରହିଛି ଅଙ୍ଗେ ବେଶ ଅନ୍ଧକାର।
(କବିତା- ବିଜନଚିନ୍ତା)

## ୯. ଅମୃତସନ୍ତାନ ମଣିଷପାଇଁ :-

ଶୁଣହେ ମଣିଷ ଭାଇ !
ଝୁରି ମରିବାକୁ ବୁଡ଼ି ମରିବାକୁ
ମଣିଷ ଜନମିନାହିଁ !
ଶତ ହତଶ୍ୱାସେ ସାରିବ ସଂସାର
ନିରାଶେ ନିବିଡ଼ ଅନ୍ଧାରେ
ଚିର ଶୃଙ୍ଖଳିତ, ଲା□୍ତ, ବ□୍ତ
ପୀଡ଼ିତ କଷଣ କାରାରେ।

ଏ ନୁହେଁ ମାନବ ନିୟତି,
ଧ୍ୱଂସର ଯାତ୍ରୀ ମୃତ୍ୟୁର ଧାତ୍ରୀ
ନୁହେଁ ଏ ବିଶାଳ ଜଗତୀ।
ଶୁଣହେ ମଣିଷ ଭାଇ !
ଅମୃତ ଦୀପ୍ତି ସନ୍ତାନ ତୁମେ
ମରଣ ତୁମର ନାହିଁ।
(କବିତା – ମଣିଷଭାଇ)

## ୧୦. ଆଶାବାଦ :-

ଜାଣେ ଏ ଜୀବନ କେଭେ ନହେବ ବିଫଳ
ଅକାରଣ ନୁହେଁ ମୋର ଉଷ୍ଣ ଅଶ୍ରୁଜଳ।
ନିବିଡ଼ ନିଷ୍ଠୁର ମନ ଗହନ ଅନ୍ଧାରେ,
ନ ମରିବି ଚିରଦିନ ତୀବ୍ର ହାହାକାରେ।
ଅମିୟ ଅରୁଣ ଭାତି
ବିନାଶିବ ଚିରରାତି
ଅମୃତ ଆନନ୍ଦେ ମୁହିଁ ଅନନ୍ତ ଜୀବନେ
ଜାଗିବି, ଜାଗିବି, ଦୀପ୍ତ ଆଶା ମୋର ମନେ।
(କବିତା – ଅଭିଶପ୍ତର ଅଭିମାନ)

## ୧୧. ଅମୃତସନ୍ତାନ ପାଇଁ :-

ନୟନେ ମୋହର ଶତସୂର୍ଯ୍ୟପ୍ରଭା
ଅଙ୍ଗେ ଅନଙ୍ଗରମ୍ୟ ନନ୍ଦନର ଶୋଭା,
ବାହୁରେ ଅସୀମ ଅଜେୟ ଶକତି
ହୃଦୟେ ବିଶାଳ ଭକତି।

ଶତ ଶୋକ ଜରା ଘେରିଛି ମରଣ
ତଥାପି ନୁହେଁ ମୋ କ୍ଳାନ୍ତ ଚରଣ
ଜନମେ ଜନମେ ନବନବ ବେଶେ
ଧରେ ନବନବ କାୟ ।
ଚିର ବିକାଶ ମୋ ଜନ୍ମ ଅଧିକାର
ଚିର ମୁକ୍ତମମ ଉନ୍ନତି ଦୁଆର ।
ଅମୃତ ସନ୍ତାନ ତୁମରି ମୁଁ ତାତ
ଧୂଳିରେ ଧୂସର କାତରେ କିପାଇଁ
କରୁଥିବି ହାୟ ହାୟ ।
(କବିତା -ଅମୃତ ସନ୍ତାନ)

**୧୨. ଆଶାର ଜୟଗାନ :-**

ବସିବି ନାହିଁ ଲୋ ଆଉ ମୁଁ ବିଷାଦେ
ନୀରସ ମଳିନ ଲପନେ,
କହି ତ ଗଲାଣି ନବ ଆଶା କଥା
ଗୁଞ୍ଜରି ଭ୍ରମର ଗୋପନେ ।
ହସି ଉଠିଲାଣି ପରା ଶତଦଳ
ଉଜ୍ଜ୍ୱଳି ବିମଳ ରମ୍ୟ ନୀଳ ଜଳ
ବାତ-ବିକମ୍ପିତ ଚ□ଳ ତରଳ
କ୍ଷରି ମକରନ୍ଦ ବାସ
ମୋହି ଜନମନ କଲାଣି ଆକୁଳ
ଦୁଃଖ ଦୈନ୍ୟ କରିନାଶ ।
(କବିତା - ବସନ୍ତେ) ।

## ୧୩. ନାରୀଶକ୍ତିର ବୈଶିଷ୍ଟ୍ୟ :-

ଘରେ ଘରେ ହେବ ମାତାର ପ୍ରତିଷ୍ଠା,
ବଢ଼ିବ ଶକତି ସାଧନାର ନିଷ୍ଠା।
ଭାରତ ସଦନୁଁ ମିଥ୍ୟାଚାର ରାଶି
ଯିବଦୂରେ, ବହୁଦୂରେ।
ପୂତ ମାତୃତୀର୍ଥ ରଚିବେ ରମଣୀ
ଭାରତର ଅନ୍ତଃପୁରେ।
କୌଶଲ୍ୟା, ସୁମିତ୍ରା, ଶଚୀ ମାତା ଯା'ର
ସେ ତନୟ ସିନା ଦେଶ ଅହଂକାର।
ଫେରି ତ ଆସିବେ ଶିବାଜୀ, ପ୍ରତାପ
ନକର, ନକର ବୃଥାରେ ବିଳାପ
ଗଲାଣି ଆମର ଦିନ ଜଡ଼ତାର,
ଅପସରି ଯାଏ ଦୂରେ ଅନ୍ଧକାର।
(ଏବେ) ଭାରତର ବକ୍ଷେ ଏକ ମହାଲକ୍ଷ୍ୟେ
ବନ୍ଧା ନର ନାରୀ ପ୍ରାଣ,
ମିଶି ଭ୍ରାତ୍ରାଭଗ୍ନୀ ଘୁ□ାଇବୁ ପ୍ରାଣ-
ପଣେ ମାତୃ ଅପମାନ।
(କବିତା-ନାରୀଶକ୍ତି)

## ୧୪. ବୋଇତ ବନ୍ଦାଣ ପାଇଁ :-

ବୋଇତ ପହଁ□ ଛୁଇଁଲେ ନଦୀ ମୁଣ୍ଡ ମୁହାଣ
ସାଧବ ବୋହୂଙ୍କ ଶରଧା, ବୋଇତର ବନ୍ଦାଣ।
ହୁଳହୁଳି, ସୁନାଥାଳିରେ ଅର୍ଘ୍ୟ ଦୀପ ଜଳାଇ
ମଙ୍ଗଳ ମନାସ, ଆନନ୍ଦ ପତି ପୁଅଙ୍କ ପାଇଁ।

ଘରେ ଘରେ ଆମ କାହାଣୀ ଜେଜେ ମାଆ ମୁଖରେ
ସଞ୍ଜବେଳେ ବସି ପିଣ୍ଡାରେ ଶୁଣେ ଶିଶୁ ଆଦରେ ।
(ସାଧବ ପୁଅ)

**୧୫. ଆତ୍ମୀୟତା ପାଇଁ :-**

ଆତ୍ମା ଚିହ୍ନିଲା ଆତ୍ମାର ସାଥୀ
ନଫୁଟିଲା ମୁଖେ କଥା,
ସରିତ ଚିହ୍ନିଲା ସାଗର ତରଙ୍ଗ
ପାଦପ ଚିହ୍ନିଲା ଲତା ।
ଦୀପ ଆଲିଙ୍ଗିଲା ଅନଳ ଶିଖାଟି
ହେମ ଆଦରିଲା ହୀରା,
ରକ୍ତେ ଛୁଟିଲା ଉଷ୍ଣ ଆନନ୍ଦ
ଚମକାଇ ଶିରା ଶିରା । (କବିତା-ନୀରପାନ)

**୧୬. ପ୍ରୀତିପ୍ରବଣତାପାଇଁ :-**

ଅନ୍ତରେ ମୋର ରଚିଥିଲି ଏକ
ମାୟାର ମୋହନ କୁଞ୍ଜ,
ଗାଇଥିଲା ପିକ ତହିଁତରୁ ଡାଳେ
ଫୁଟିଥିଲା ଫୁଲ ପୁଞ୍ଜ ।
ସଞ୍ଜଗୋଧୂଳି ଲୋଟିଥିଲା ତାର
ଗଗନେ ଚୂର୍ଣ୍ଣ ମେଘେ,
ସ୍ୱଚ୍ଛ ଝରଣା ବହିଥିଲା ତାର
ଶିଳା ଦେହେ ପ୍ରେମାବେଗେ । (ପ୍ରେମ ଚିନ୍ତାମଣି)

## ୧୭. ଆଶାବାଦ ପାଇଁ :-

ଚିର ମାଘ ନଥିବଟି ଏ ପୋଡ଼ା ଜୀବନେ,
ଆସିବ ଫଗୁଣ ନିଶା ଦକ୍ଷିଣା ପବନେ ।
କାନ୍ଦେ ଆଜି ସିନା କ୍ଷୁବ୍ଧ କୋକିଳର ବଧୂ,
ଆସିବ ଅମୃତ କାନ୍ତି ଫୁଲ ପନ୍ତି ମଧୁ ।
ଚମ୍ପାଚୂତ ଆଜି ସିନା ଝୁରି ମରି ପିକେ,
ପାଇବ ପାଇବ କୋଳେ ବସନ୍ତ ରସିକେ ।
(କବିତା-ବିଷାଦିତର ବିଶ୍ୱାସ)

## ୧୮. ଛୋଟରୁବଡ଼ ହେବା ପାଇଁ :-

ଛୋଟର ଆଦର କରିଥାଏ ଛୋଟ,
ବଡ଼ର ଆଦର ବଡ଼,
ଫୁଟିଥିଲା ଫୁଲ ସଙ୍ଗେସରି କିବା
ହେବ କେବେ ଫୁଲ କଢ଼ !
ବଡ଼ ହୁଏ ଯଦି ପୂର୍ଣ୍ଣ ଚନ୍ଦ୍ରପରି
ଆଉ କି ପାରିବ ବଢ଼ି,
ଫୁଟିଲା ଫୁଲକି ଫୁଟେ ଆଉଥରେ,
ଫୁଟେ ସିନା ଫୁଲ କଢ଼ି ! (କବିତା-ଛୋଟବଡ଼)

## ୧୯. ଆଶା ପାଇଁ :-

କି ସୁନ୍ଦର ରୂପ କି ସୁନ୍ଦର ଶିରୀ
ସତେ କି ସେ ଦେବବାଳା ଅଶରୀରି !
ସରଗୁଁ ଓହ୍ଲାଇ ଆସଛି କି ସେହି,
ନବ ପ୍ରେମ ବା□ା ନର ଲୋକେ ନେଇ ?

ଶତ ଶତଫୁଲ ମେଦୁର ମଞ୍ଜୁଳ,
ଅପୂର୍ବ କୌଶଳେ ଏକ ଧାରେ ଠୁଳ ।
ମଧୁର ଲଳିତ ସୁଷମ ବିଭବେ,
ଗଠିତ, କର୍କଶ ନାହିଁ କାହିଁ ଲବେ ।   (କବିତା-ଆଶା)

**୨୦. ମାତୃଭାଷାର ମହ□ :-**

କେ ଭାବୁ ତାହାକୁ ନୀଚ, ସେ ମୋର ଅମୃତ,
ରସନା ଯା' ଉଚ୍ଚାରଣେ ଫିଟିଲା ପ୍ରଥମ,
କେ ବୋଲୁ ନୀରସ, ରୁକ୍ଷ, ତଥାପି ସେ ପୂତ,
ଭାଷା ଫୁଲ ବ୍ରଜେ ସେ ତ ମନ୍ଦାର ସୁମନ ।
(କବିତା-ଆବାହନ)

**୨୧. ଜନ୍ମଭୂମିର ମହ□ ପାଇଁ :-**

ମା' ପରା ଆମର ତ୍ରିଲୋକ ପାବନୀ
ଗାୟତ୍ରୀ, ସାବିତ୍ରୀ, ବିଶ୍ୱ ପ୍ରସବିନୀ
ବେଦ ବେଦାନ୍ତର ଜନନୀ, ମୋହିନୀ,
ନିଖିଳ-ଅବନୀ ଜ୍ଞାନ ପ୍ରଦାୟିନୀ,
କାବ୍ୟ-କଳା-ଶିଳ୍ପ ଲୀଳା ବିଳାସିନୀ,
କୋଟି କୁଞ୍ଜବନ କୁସୁମ ମାଳିନୀ,
କୋଟି କଳ୍ପତରୁ-ବଲ୍ଲୀ-ରସାଳିନୀ
ମନୋଜ୍ଞ ମାନସ-ହେମ-ମୃଣାଳିନୀ ।
(କବିତା- ମା')

## ୨୨. କବିତା - ଛୋଟରୁ ବଡ଼ :-

ମୁଁ ତ ଛୋଟ, ମୁଁ ତ କ୍ଷୁଦ୍ର ଅତିଶୟ
ବଡ଼ କିନ୍ତୁ ଦିନେ ହେବି ମୁଁ ନିଶ୍ଚୟ,
ସାନ ହୁଏ ବଡ଼, ଭଙ୍ଗା ହୁଏ ଦଢ଼
ପଛ ଲୋକ ହୁଏ ଆଗ,
ସେଥିପାଇଁ ସଦା ସାନ ମଣି ଆପେ
ଲୋଡୁଥିବି ପଛ ଭାଗ,
ହେଲେ ସାନ ନାହିଁ ଲାଜ ଅପମାନ
ଯଦି ମୁଁ ପାରିବି ବଢ଼ି,
ଫୁଟିଲା ଫୁଲ କି ଫୁଟେ ଆଉଥରେ
ଫୁଟେ ପରା ଫୁଲ କଢ଼ି । (କବିତା - ଛୋଟ ବଡ଼)

## ୨୩. ଆଶାର ଆଲୋକ ରେଖା :-

ଚିର ମାଘ ନଥିବ କା ପୋଡ଼ା କପାଳରେ,
କିମ୍ବା ମୁଁ ଭାସିବି ତେବେ ନୟନ ଜଳରେ ?
ଜାଣେ ଏ ଜୀବନ ନୁହେଁ ମାୟାର ଛଳନା,
ନିଷ୍ଠୁର ନିୟତି ଚକ୍ରପେଷଣ ଯନ୍ତ୍ରଣା
ଅକାଳେ ମରିବା ପାଇଁ,
ଜଗତେ ଜନମି ନାହିଁ ।
ଅନନ୍ତ ଜୀବନ, ପ୍ରାଣେ
ଅନନ୍ତ ପ୍ରେରଣା,
ନୁହେଁ ମୁଁ ମାନବ ମାତ୍ର
ମାଟିର ଖେଳନା । (କବିତା - ବିଷାଦିତର ବିଶ୍ୱାସ)

### ୨୪. ମଣିଷପଣିଆର ମହ□ :-

ରଖିଥିବି ଯେତ୍ନେ ମଣିଷ ପଣିଆ
ଏତିକି ମାଗୁଣି ନିତି ମୋହରି,
ଅନ୍ତେ ପଦପ୍ରାନ୍ତେ ଦେ'ଣା ପାଉଣା ମୋ
ବୁଝିନେବି ନ୍ୟାୟପଣ ସୁମରି ।
(କବିତା – ମଣିଷପଣିଆ)

### ୨୫. ବ□ିବାର ଅଧିକାର :-

ବ□ିବାର ଅଧିକାର ରଖ ଚିରଦିନ,
ମରଣେ ସମ୍ବଳ କରି ହେଉଥାଏ କ୍ଷୀଣ,
ତଥାପି ମରିବି ନାହିଁ
ମନେରଖ ଏହା ଭାଇ ।
ଅକାରଣେ ଜନ୍ମ ମୋର ନ ହେଲା ଭୂତଳେ
ଅନନ୍ତ ବିନାଶ ଘେନି ମରିବି ବିରଳେ ।
(କବିତା – ଅଭିଶପ୍ତର ଅଭିମାନ)

### ୨୬. ଗୁଣ ଚିହ୍ନେ ଗୁଣିଆ :-

ବଡ଼ ଜଗତରେ ପଦ ଗଉରବ
ସୁନା ରୁପା ମାଟି ବିକାର
ବଡ଼ ଜଗତରେ କନକ ଆସନ
ରାଜଛତ୍ର ସୈନ୍ୟ ସମ୍ଭାର
ଗୁଣମଣି ଚିହ୍ନେ ବଣିଆ
ବାହାର ଝଟକ ପରଖି ନେବାର
ଏକା ସେ ମଣିଷ ପଣିଆ । (କାବ୍ୟ – ମଣିକା□ନ)

## ୨୭. କାଲିକାଲି କହ ନାହିଁ :-

କେତେ କାଲି କହୁ ମନ କାଲି କେବେ ଆସେ,
କାଲିକି ହୁଅଇ କେବେ ତୋହରି ସକାଶେ ?
କାଲିକାଲି କହିକହି ଭୁଲାଉ ତୋ ଚି□,
କାଲି କହି ରଖିଦେଉ ଆଜି ଯା ବିହିତ । (କବିତା - କାଲି)

## ୨୮. ନିରାଶାରେ ଆଶାର ଝଲକ :-

ନିରାଶ ହୃଦୟ କାହୁଁ ଆଶା ଦେଲା ଦେଖା
ସହସା ଦିଶିଲା କ୍ଷୀଣ ବିଶ୍ୱାସ - ସୁରେଖା,
ତମୋ ଭେଦ କ୍ଷୀଣ ଆଲୋକ ପରାଏ
ଆଶା କି ସମ୍ବୋଧି କହେ, କିମ୍ପା କାନ୍ଦ ଆହେ ?
ଆଜି ଯେ ଅଧମ, କାଲି ହେବ ସାଧୁଜନ,
କାଲି କଥା ଭାବି ଶାନ୍ତ କର ତବ ମନ । (କବିତା - କାଲି)

## ୨୯. ସ୍ଥିତପ୍ରଜ୍ଞତା :-

ଧନ୍ୟ ସେହି ନର, ଶାନ୍ତ ଚି□ ଯାର
ସହସ୍ର ନୃପତି ଅଗ୍ରେ ତାର ଛାର,
କିରୀଟି ନୁହଇ ସୁଖର ଆକର,
ଚି□ ଶାନ୍ତି ବିନା ସେହ ତ ଜହର ।
ଶାନ୍ତି ବିନା ପାଇ ସରବ ସଂସାର
ଚି□ ଲଭିଅଛି ସୁଖ କେଉଁ ନର ?
ଆହା ଶାନ୍ତିମୟ ଜୀବନ ଯାହାର
ତା ପରି କେ ଭବେ ସୁଖୀ ଅଛି ଆର !

(କବିତା - ବିଜନ ଚିନ୍ତା)

## ୩୦. ଶାନ୍ତଚି□ର ପ୍ରଭାବ :-

ସହସ୍ର ଅଭାବେ ନିତ୍ୟ ନିପତିତ
ତଥାପି କି ସୁଖୀ, ଯାର ଶାନ୍ତ ଚି□ !
ଶାନ୍ତିରେ ତାହାର ବଦନ ଉଜ୍ଜ୍ୱଳ,
ସରୋବରେ ଯେହ୍ନେ ଫୁଲ ଶତଦଳ
ଶରଦ ଆକାଶେ ଚନ୍ଦ୍ରମା ଯେସନ,
ଭାସୁଥାଏ ହସି ଉଜ୍ଜ୍ୱଳ ଆନନ ।
କି ଶାନ୍ତି ତାହାର ହୃଦୟ ମନ୍ଦିରେ
ଧନ୍ୟ ସେହି ନର ସଂସାର ଭିତରେ ।

(କବିତା-ବିଜନ ଚିନ୍ତା)

## ୩୧. ଉତ୍କଳମଣିଙ୍କପାଇଁ :-

"ଅନାଥ-ବନ୍ଧୁ ମାତା ଶୋକ ପାଶୋରା,
ଦୀନ-ହୃଦୟ-ହାରା ରଙ୍କ ପସରା,
ମରିଛି ଗୋପବନ୍ଧୁ ପ୍ରାଣର ପୁଅ,
ପୋଛିବ କିଏ ଆଉ ମାଆର ଲୁହ ।
କେତେ ଉଚ୍ଚ ତାହାର ମନ ଉଦାର,
କି ମହାମାନବ ସେ ! ବୁଝିବେ ଛାର ।
କାହୁଁ ଉତ୍କଳୀ ହୀନ ସ୍ୱାର୍ଥାନ୍ଧ ଭୀରୁ,
ତେଣୁ କି ପ୍ରଭୁ, ଘେନିଗଲ ମହୀରୁ !"

(କବିତା – କି ହେବ ଏବେ ବୃଥା କାନ୍ଦିଲେ ଭାଳି !)



# ନାରୀ କବି ବିଦ୍ୟୁତ୍‌ପ୍ରଭା ଦେବୀ

ଜନ୍ମ : ୧୯୨୬ ମସିହା
ମୃତ୍ୟୁ : ୧୯୭୭ ମସିହା
ପିତାଙ୍କ ନାମ : ନିମାଇଁ ଚରଣ ଦାସ
ମାତାଙ୍କ ନାମ : ରେଖା ଦାସ
ରଚନା ସମ୍ଭାର : ସବିତା, ମରୀଚିକା, କନକାଞ୍ଜଳି, ବିହାୟସୀ, ଝରାଶିଉଳି, ବନ୍ଦନିକା, ସ୍ୱପ୍ନଦୀପ, ଯାହାକୁଯିଏ, ଉତ୍କଳ-ସାରସ୍ୱତ ପ୍ରତିଭା, ସ□ୟନ, ଭକ୍ତିମାଲ୍ୟ, ଇତ୍ୟାଦି ।

## ୧. ପଲ୍ଲୀର ସୁଷମା ପାଇଁ :-

ସେ ପାଖେ ଉଠଇ ଧୂମକୁଣ୍ଡଳୀ
ଯନ୍ତ୍ରଦାନବ ମୁଖୁଁ,
ଏ ପାଖେ ଫୁଟଇ ବିହଗର ଗାନ
କୁଞ୍ଜବଧୂର ମୁଖୁଁ ।
ସେ ପଟେ ଦିଶଇ ନଗରୀ ପଥର
ପଙ୍କିଳ ନରଦମା,
ଏପଟେ ମୋହର ଶ୍ୟାମଳପଲ୍ଲୀ
ସୁନ୍ଦରୀ ମନୋରମା । (ପଲ୍ଲୀ ଓ ନଗର - କବିତା)

**୨. ସାହିତ୍ୟରେ ଜୀବନର ବାସ୍ତବତା :-**

ଚୋରା ଚଇତାଳି ଚପଳ ବିଳାସେ
ଭାସିଲେ କି ହେବ କବି ?
ନ ଫୁଟିଲା ଯେବେ ଲେଖନୀରେ ତବ
ବ୍ୟଥାର କରୁଣଛବି ?
(କବିତା - ବିଳାସୀ କବି)

**୩. ବିଦଗ୍ଧକବି ଅଭିମନ୍ୟୁଙ୍କ ପାଇଁ :-**

ବନ୍ଦେ ପଦତବ ସାମନ୍ତସିଂହାର
ଭକତି ଅରଘ ଢ଼ାଳି
ଶାରଦା ମନ୍ଦିରେ ରତନ ପ୍ରଦୀପ
କି ଲଗନେ ଗଲ ଜାଳି ।
(କବିତା- ପ୍ରେମିକକବି ଅଭିମନ୍ୟୁ)

**୪. ଚାଷ ଅଛି ଯାହାର :-**

ଆପଣା କ୍ଷେତର ଧାନ, ମୁଗ ଚଣା ବିରି,
ୟା ସାଥେ କି ସରି କେବେ ବିଦେଶ ଚାକିରି ?
ପହିଲି ଶାରଦ ଧାନ ଆସିଲେ ଅମାରେ,
ନଲାଗେ ତଳେ ମୋ ପାଦ ଆନନ୍ଦ ସମ୍ଭାରେ ।
(କବିତା-ପଲ୍ଲୀପ୍ରେମ)

**୫. ପଲ୍ଲୀ ପରିବେଶ ପାଇଁ :-**

ଏକାନ୍ତ ଆପଣା ସମ ଗୁଗୁଚିଆ କାହିଁ
ଅଝଟ ଶିଶୁଟି ପରି କାନି ଛାଡୁନାହିଁ।
ବନହଳଦୀରେ ଲେପି ସୁନା ଗୋରାଦିହ,
ଧରଣୀରେ ହସିଲାଣି ମଗୁଶିର ଝିଅ। (କବିତା-ପଲ୍ଲୀପଥେ)

**୬. ଜୀବନର ସାର୍ଥକତା :-**

ନରଜୀବନେ କବି କି ଫଳକହ
ବିଶ୍ୱସେବା ଯେବେଟି ନାଇଁ
ବ□ୃବାର ଗୌରବ କି
ମାଟିରେ ଖାଲି ମିଶିବା ପାଇଁ। (କବିତା-ଖଦ୍ୟୋତିକା)

**୭. ଉତ୍କଳୀୟତାପାଇଁ :-**

ମଥାର ସିନ୍ଦୂର କରି ଘେନିବି ମୁଁ
ଏଦେଶର ଧୂଳି କଣା,
ଏ ଦେଶ ବସନେ ଶୋଭିବ ମୋ ବପୁ
ନହୁଏ ମୁଁ ବାଟ ବଣା। (କବିତା-ଓଡ଼ିଆ)

**୮. ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କପାଇଁ :-**

ସାହିତ୍ୟ ଗଗନ ତଳେ ତୁମେ ଏକ ଦୀପ୍ତ ଧ୍ରୁବତାରା,
ରମଣୀ ସୁମନ କୁଳେ ତୁମେ ସ୍ୱର୍ଗ ପାରିଜାତଝରା।
ତୁମ ଉଚ୍ଚ ଆଦରଶ ନାରୀପ୍ରାଣେ ଆଣିଛି ସ୍ପନ୍ଦନ,
ବାଢ଼ିଛ ଭାରତୀ ପଦେ ଯେଣୁ ଶତ କବିତା ସୁମନ।
(କବିତା-ଉତ୍କଳଭାରତୀ କୁନ୍ତଳା)

**୯. ଉତ୍କଳମଣି ଗୋପବନ୍ଧୁଙ୍କପାଇଁ :-**

ଜନହିତେ କିଏ ଆଉ ଭୋଗି କାରାବାସ
ଆଣିବ ଉତ୍କଳପ୍ରାଣେ ନବୀନ ଉତ୍ସାହ !
ବୁଭୁକ୍ଷୁ ବଦନେ ଆଉ କେ ଫୁଟାଇ ହସ
ଢ଼ାଳିବ ଦରିଦ୍ର ଲାଗି ଧାରଧାର ଲୁହ ।
(କବିତା-ଦେଶପ୍ରାଣ ଗୋପବନ୍ଧୁ)

**୧୦. ସ୍ମୃତିରେଖା ଗାଁ ମାଟିର :-**

ପ୍ରବାସେ ରଚେ ବାସ,
ଗାଆଁର ମାଟି ମାନସ ଟାଣେ
ଦୀର୍ଘ ବାରମାସ ।
ଗାଆଁର ନଈ କେଦାର ବନ
ସ୍ମୃତିରେ ମୋର ସାଇତା ଧନ,
ଜୀବନ ତହିଁ ଅଛିରେ ରହି
ଅଛିରେ ସୁଖହାସ । (କବିତା - ପଲ୍ଲୀମାୟା)

**୧୧. ଯାହାକୁ ଯିଏ ଭଲ ପାଏ :-**

ଯିଏ ଭଲ ପାଏ ଯାହାକୁ ତାହାରି
କଥା ତାକୁ ଭଲ ଲାଗେ,
ଫେରା ବସନ୍ତ କାନ ପାରିଥାଏ,
କୋଇଲିର କୁହୁରାଗେ ।

ଯିଏ ଭଲ ପାଏ ଯାହାକୁ ତାହାରି
ରୂପ ତାକୁ ଭଲ ଦିଶେ,
ସୁନ୍ଦର ଫୁଲ ମଧୁପେ ରସଇ
ଯେତେ କଳା ହେଉ ବି ସେ ।
(କବିତା- ଯିଏ ଭଲ ପାଏ)

## ୧୨. ଆମେ ଆଉ ଆମେ :-

ଆମ ରୁଷା ରୁଷି ମେଘର ବିଜୁଳିଗାର,
ଆମ ମନ ଖୁସି କୁଳୁକୁଳୁ ନଈଧାର,
ଆମ ହସ କାନ୍ଦ ଶରତ ଶିଉଳି ଝରା,
ମାନ ଅଭିମାନ ପାହାନ୍ତାର କୁଆଁତାରା
(କବିତା - ପ୍ରିୟ-ବାଣୀ)

## ୧୩. ସରିବ ସବୁ - ଆଜି ନ ହେଲେ ବି କାଲି :-

କହି କି ପାରିବ ବନ୍ଧୁ ହେ ମୋର
କହି କି ପାରିବ ତୁମେ,
ଛାଡ଼ବାଡ଼ ହୋଇ ଚାଲିଯିବା ଆମେ
ସେ କେଉଁ ଅଜଣା ଭୂମେ ।
ସୁନ୍ଦର ଏଇ ସୁଖର ମ□ୟ
କାହିଁ କାର ଚିର ଦାବି
ଏଇ ସତ୍ୟଟି ଅନ୍ତରେ ତୁମେ
ଦେଖିଛ କି କେବେ ଭାବି ? (କବିତା - ପ୍ରିୟା-ବାଣୀ)

**୧୪. କାମନାର ବିନାଶରେ ଦୁଃଖର ବିନାଶ :-**

କାମନା ରାଶିର ନିର୍ବାଣେ ହୁଏ
ଦୁଃଖର ଅବସାନ,
ସେଦିନ ବୁଝି ମୁଁ ଦେଇଛି ଚିଲକୁ
ଅନ୍ତରେ ଗୁରୁ ସ୍ଥାନ ।
(କବିତା – ଯୁଗଳଆଳାପ)

**୧୫. ଦୁଃଖ ଓ ସୁଖ :-**

ବିଶାଳ ବିଭବ ମାୟା ମରୀଚିକା
ତିଳେ ସେଥି ସୁଖ ନାହିଁ,
ସମ୍ପଦ ବୋଲି ଦିଶେ ଯା ସେ ସିନା
ଦୁଃଖର ଘନ ଛାଇ !
ଇନ୍ଦ୍ରିୟପର ଭ୍ରାନ୍ତ ମାନବ
ଅଳୀକ ସେନେହ ଆଶେ,
ଦୁଇ ଦିନ ପାଇଁ ହୋଇଛି ବଦ୍ଧ
ସ୍ୱାର୍ଥର ନାଗପାଶେ ।
(କବିତା – ନିର୍ବାଣ ପଥେ)

**୧୬. ମାଟିର ଗନ୍ଧେ ଆତ୍ମହରା :-**

ସରଗ ବିଳାସ ପ୍ରୟାସୀ ନୁହେଁ ମୁଁ
ପୀୟୂଷେ ନ ବଳେ ମନ,
ନଦୀ ଜଳ ସୁଧା, ଧରାଟି ମୋହନ
ଘରୁ ନନ୍ଦନବନ । (କବିତା – ଧରାର ମୋହ)

## ୧୭. ତଥାପି ରହିଛି ଆଶା :-

ସଞ୍ଜେ ଫୁଲଟି    ଝରିଯିବ ବୋଲି
  ବିଳପେ ବନର ଲତା,
ପ୍ରବୋଧଇ ଫୁଲ    ଆରେକ ବୃନ୍ତେ
  କାଲି ମୁଁ କହିବି କଥା । (କବିତା - ମୌନବତୀ)

## ୧୮. ମାଟିର ମହକ ଓ ମହ୍ୱ :-

କର୍ମଠ ମାନବ ପାଶେ
  ସ୍ୱର୍ଗ ଖାଲି ଏକ
    ଅର୍ଥହୀନ ଉକ୍ତି
ସୁଖର ନିଳୟ ଏହି
  ଆରେକଟି ତୁଛା
    ଦାର୍ଶନିକ ଯୁକ୍ତି ।  (କବିତା - ଧରା ଓ ସ୍ୱର୍ଗ)

## ୧୯. ଜୀବନ ତାର ଧନ୍ୟ :-

ମାନସେ ଆକାଂକ୍ଷା ଯାର
  ନାହିଁ ଦିନେ ପର ସେବା ବ୍ରତ,
ସୁବିପୁଳ ଆୟୁ ଘେନି
  ସେ ଜୀବନ ହେବ କି ମହତ ?
ପର ଲାଗି ଦେହୁ ଯେହୁ
  ବିନ୍ଦୁମିତ ରକ୍ତ କରେ ଦାନ,
ସେହି ଆତ୍ମା ବିଶ୍ୱେ ଲଭେ
  ଚିର କାଳ ଅମର ସମ୍ମାନ ।  (କବିତା - ପରସେବୀ)

## ୨୦. ବିଭୁ ଚିନ୍ତନର ଚନ୍ଦନ ଗନ୍ଧ :-

ପ୍ରଭାତ ମଳୟେ ଢଳି ଢଳି ଭାଳେ
ବିକଚ ଦିବ୍ୟ ନଳିନ,
ବିଭୁ ପ୍ରେମ ଥିଲେ ବ୍ୟଥାର କଲୁଷ
ଜୀବନ ନ କରେ ମଳିନ । (କବିତା - ବିଭୁକୃପା)

## ୨୧. ଅଶ୍ରୁର ଅବଦାନ :-

ଅଶ୍ରୁ ଦିଅଇ ଆଶ୍ୱାସ ଲେପ
ଦୁଃଖ ଦରଜେ ବୋଲି
ଶୈଳ-ଶରୀର ଜୀର୍ଣ୍ଣ ନ ହେଲେ
ଦେଉଳ ହୁଏ କି ତୋଳି ?
ତମସା ଗରଭେ ଫୁଟି ଉଠେ ଯଥା
ଜ୍ୟୋତ୍ସ୍ନାର ମଧୁହାସ,
ଲୋତକ ଧାରାରେ ସମ୍ଭବେ ତଥା
ଶାନ୍ତିର ପରକାଶ । (କବିତା - ଅଶ୍ରୁ)

## ୨୨. ଏତିକି ମାଗୁଣି ମୋର :-

"କର ମୋତେ ଛୋଟ ମାଟି ଦୀପଟିଏ
ଶିଖାରେ ହୃଦୟ ଦାହି,
ହସି ହସି ସୁଖେ ଢାଳିବି ଜୀବନ
ନିଖିଳ ଜଗତ ପାଇଁ ।
ଦିଅ ନାହିଁ ମୋତେ ଖଦ୍ୟୋତ ସମ
ଶୁଭ୍ର ରୁଚିର ଝଳି,
କ୍ଷଣେ ଉଇଁ ଯେବେ କ୍ଷଣେ ବୁଡ଼ିଯିବି
ନିଜ ପାଇଁ ନିଜେ ଜଳି ।" (କବିତା - ମିନତି)

## ୨୩. ନିଅ ଆଉ ନିଅ :-

ଛଡ଼ାଇ ନିଅ ମୋ ହିଂସା କପଟ
ଅହମିକା ଅଭିମାନ,
ଚୂନା କରିଦିଅ ସ୍ୱାର୍ଥ କୋପର
ଦୁର୍ଗମ ସାନୁ ମାନ ।
ହରିନିଅ ମୋର ଅଳସ ବିଳାସ
କୋଟିଏ କୁବେର-ସୁଖ,
ଗୋଟିଏ ଆତୁର ଦରଦେ ଯେହ୍ନେ
ହେବି ମୁଁ ଅଶ୍ରୁମୁଖ ।
(କବିତା - ଭଲପାଅ ଯେବେ ମୋତେ)

## ୨୪. ଦିଅ ମତେ ଦିଅ :-

ଅମୃତ ଲେପ ବୋଳିବାକୁ ଦିଅ
ବିଶ୍ୱ ବେଦନ କ୍ଷତେ,
ସତେ ଯେବେ ପ୍ରଭୁ ! ଅନ୍ତର ଭରି
ଭଲ ପାଉଥାଅ ମୋତେ,
ଚିର ଅଭାଜନ ଅଧମରେ ଯେବେ
ଭଲପାଅ ପ୍ରାଣପ୍ରିୟ,
ରୋଗ ଜରା ଭୀତି ପାପ ତାପ କ୍ଲେଶୁଁ
ସମୂଳେ ମୁକ୍ତି ଦିଅ ।
(କବିତା - ଭଲ ପାଅ ଯେବେ ମୋତେ)

## ୨୫. ନିଜ ଭିତରେ ହିଁ ସବୁ ଅଛି :-

ମନ୍ଦିରେ କିବା ପ୍ରୟୋଜନ
ବୃଥା ଗମନେ,
ସ୍ୱାର୍ଥ ଲିପ୍ତ ଚନ୍ଦନ ଧୂପ
ସୁମନେ ?
ଖୋଲିଦେ ଏ ମନ ! ହୃଦୟ -
ଦେଉଳ ଦୁଆର,
ଅନ୍ତର ଯାମୀ ପଦ ତଳେ
ହୁଅ ଜୁହାର ।
ପ୍ରାଣ ମନ୍ଦିରେ ଖୋଲି ତୋ
ରୁଦ୍ଧ ଦୁଆର,
ଅନ୍ତରଯାମୀ ପଦତଳେ
ହୁଅ ଜୁହାର । (କବିତା - ମନ ମନ୍ଦିର)

## ୨୬. ହେ ଭଗବାନ ! ତୁମେ ଦୟାମୟ :-

ସାରା ଏ ବିଶ୍ୱ ସ୍ୱାର୍ଥର ଦାସ
ତୁମେ ଅ-ସ୍ୱାର୍ଥପର,
ତୁମକୁ କେବଳ ବାନ୍ଧି ପାରିଲେ
ନାହିଁ କେଉଁଥିକି ଡର ।
ତୁମ କରୁଣା ମୋ ଅସୀମ ସାହସ
ତୁମେ ମୋର ବଡ଼ ବଳ,
ତୁମ ସାହା ବିନା ମରୁ-ବିଭୀଷିକା
ସ୍ୱର୍ଗ ଧରଣୀ ତଳ । (କବିତା - ତୁମ ବିନା)

## ୨୭. ବଡ଼ ଓ ସାନ :

ଯେଉଁ ବଡ଼ତିରେ ବିନାଶ କେବଳ
ଲୋଡ଼ା ନାହିଁ ମୋର ତାହା,
ପରହିତେ ଯେହୁ ପରାଣ ପାତଇ
ମୁକୁଳେ ମୁକତି ରାହା ।
ଛୋଟ ବଡ଼ ଘେନି ଗଢ଼ାଏ ଦୁନିଆ
କାରେ ନ ମଣିବ ସାନ,
ବଡ଼ ଠାରୁ ଛୋଟେ ରହିଥାଏ ବେଶୀ
ଲୁଚି ସଦ୍‌ଗୁଣ ମାନ ।

(କବିତା - ଦୂବ ଓ ଦେବଦାରୁ)

❑❑



# କବି ମାୟାଧର ମାନସିଂହ

ଜନ୍ମ : ୧୯୦୫ ମସିହା

ମୃତ୍ୟୁ : ୧୯୭୩ ମସିହା

ଜନ୍ମସ୍ଥାନ : ଚିଲିକା ମଧ୍ୟସ୍ଥ ପାରିକୁଦ ନିକଟସ୍ଥ ନନ୍ଦଳାଗ୍ରାମ।

ରଚନା ସମ୍ଭାର : ଧୂପ, ହେମଶସ୍ୟ, ହେମପୁଷ୍ପ, ମାଟିବାଣୀ, ସାଧବଝିଅ, କମଳାୟନ ଇତ୍ୟାଦି ଇତ୍ୟାଦି।

## ୧. ସ୍ୱର୍ଗତ ଉତ୍କଳମଣି ଗୋପବନ୍ଧୁଙ୍କପାଇଁ :-

ମଥା ନତ କରି ସମ୍ମାନ କର
ସ୍ୱର୍ଗତ ମହାଜନେ
ତୁମ ମେଳେ କହ ଅଛି କିଏ ଆଉ
ତାହା ପରି ଆଉଜଣେ ?

xxxxx

ଯଦିରେ ଓଡ଼ିଆ ପ୍ରିୟଜନ ପାଇଁ
ବିଳାପ କରିବା ଜାଣ,

ଅତିପ୍ରିୟଜନ ବିରହରେ ଆଜି
ଫାଟୁଚୋର ରୁଦ୍ଧ ପ୍ରାଣ ।

xxxxx

କିମ୍ବା ଚାଲିଗଲ ଆହେ ପ୍ରିୟତମ
ନିଖିଳ ଚି□ହାରି
ତୁମ ଗୁଣ ଯାକ ଗୁଣି ହୋଇ ମନେ
ବେଦନା ଉଠୁଛି ଭାରି ।

xxxxx

ତଥାପି ତୁମର ମୃତ୍ୟୁ କି ଅଛି
ତୁମେ ଯେ ମୃତ୍ୟୁ ଜୟୀ,
ଗୋଟିଏ ଯା ଥିଲ ମରଣେ ଜନ୍ମ
ଲଭିଛ କୋଟିଏ ହୋଇ । (କବିତା-ଗୋପପ୍ରୟାଣ)

## ୨. ବୋଇତ ବନ୍ଦାଣର ସ୍ମୃତି ଚାରଣ :-

ତରଣୀ ଚଳଇ ମୋର ବାରବାଟୀ ତଳେ ।
ରହରେ ନାଉରି ଦଣ୍ଡେ, ଭିଡି ଏଠି ତରି,
ମୋ ମଥା ଲଗାଇ ପୂତ ସୋପାନ ପ୍ରସ୍ତରେ,
ଦିଏ ଅପଦାର୍ଥ ପ୍ରାଣେ କୃତ୍ୟକୃତ୍ୟ କରି ।

xxxxx

ସେଦିନ ଏ ଶିଳା ପୁରେ ନଗର ଜନନୀ
ଏକତ୍ରେ ପଠାଇ ପୋତେ ସନ୍ତାନେ ସମରେ,
ଚାହିଁଥିବେ ଦୂର ଦିଗେ ସେ ବୀର ରମଣୀ
ଲୁଚାଇ ଆଖିର ଲୁହ ଅପମାନ ଡରେ ।

xxxxx

ଚିରଦିନ ପାଇଁ ସେ କି ଯାଇଛନ୍ତି ଚାଲି
ନଫେରିବେ ରାଜା ରାଣୀ ନଫେରିବେ ବୀରେ !
ବୋଇତ ବନ୍ଧାଣ ଲାଗି ଏ ତଟିନୀ ବାଲି
ନାଗରିକା ପଦ ପ୍ରାନ୍ତ ନଚୁମ୍ବିବ ଧୀରେ ?
ଦୁର୍ଗ ଆଉ ଉଠିବନି ? ରାଜାର ବୋଇତ
ନଫେରିବ ମୁକ୍ତା ଧରି ଏ ତଟିନୀ ବାହି,
ନଗରର ବଧୂଯେତେ ମଙ୍ଗଳ ସଂଗୀତ
ନ ବନ୍ଦିବେ ତାରେ କେବେ ମଧୁକଣ୍ଠେ ଗାଇ ?
(କବିତା–ମହାନଦୀରେ ଜ୍ୟୋସ୍ନାବିହାର)

## ୩. ଧରଣୀକୁ ଆସି ପଥହରା :-

ଦେବଶିଶୁ ଚଳେ ନରକର ଅଭିସାରେ,
ଭଗବାନ ତୁମେ ନିଦ୍ରିତ କେଉଁଠାରେ ?
ନିରଞ୍ଜନ ମୁଁ ଆସିଥିଲି ପରା ଆନନ୍ଦ ବିତରଣେ,
ବା□ିବି ବୋଲି ଅମୃତ ଏହି ପୃଥିବୀର କଣେ କଣେ ।

× × × ×

ଧରଣୀରେ ଆସି ମନ୍ତ୍ର ଭୁଲିଲି ପରା,
ପାଇବନି କି ହେ ନିସ୍ତାର ପଥହରା । (ନିଦ୍ରିତ ଭଗବାନ)

## ୪. ତଥାପି ଏ ମାଟି ବନ୍ଦନୀୟା :

ସର୍ବ ଅକଲ୍ୟାଣ ମେଳେ, ହେ ଧରଣୀ, ତେଣୁ ତୋ ଆଶ୍ରୟ
ପ୍ରିୟ ଏଡ଼େ, ସର୍ବବ୍ୟାପୀ ପରାଜୟେ ଜୟ ସୁଖମୟ ।
(ଧରଣୀ ବାସ)

## ୫. ଆନ୍ତର ଅନ୍ୱେଷଣ ପାଇଁ :-

ନିଖିଳ ସଂସାର ମଧ୍ୟେ, କୁଟୁମ୍ବ ସଙ୍ଗତେ
ଏକାନ୍ତ ଏକାକୀ ମୁହିଁ, ସଙ୍ଗୀହୀନ ପ୍ରାଣୀ,
କାହାର ପରମ ସଖ୍ୟ ଖୋଜେ ଅନ୍ତର୍ଗତେ,
ଚିର ବିରହିତ ମୁହିଁ କେମନ୍ତେ କେଜାଣି ।

(କବିତା-ଏକାନ୍ତ ଏକାକୀ)

## ୬. ପାଇବି କି ତୁମର ସନ୍ଧାନ ? :-

କାହିଁକି ତୁମକୁ ଋହେଁ କି ଲାଭ ଆଶାରେ,
ମୋ ଚି□ ବ୍ୟାକୁଳ ତବ ଦରଶନ ପାଇଁ
କି ସୁଖ, କି ଗଉରବ ଆଣିବି ମୋ ଦ୍ୱାରେ,
କି ସମ୍ପଦ ଦେବ ଯାହା ଭାବନାରେ ନାହିଁ ?
କିଛି ତ ଯାଚନା ନାହିଁ ଖୋଜେ ମୁଁ ତଥାପି,
ଖୋଜେ ନାହିଁ ମୁକ୍ତି ଅବା ଅମୃତ ନିର୍ବାଣ,
କେବଳ ଆଗ୍ରହ ମୋର ସର୍ବ ପ୍ରାଣ ବ୍ୟାପୀ
ତୁମଠି ପାଇବି ପ୍ରିୟ ତମର ସନ୍ଧାନ ।

(କବିତା-ପୂର୍ଣ୍ଣତା ପ୍ରାପ୍ତି)

## ୭. ମୋ ରଥ ବାହକ :-

ମୁଁ ଛାୟା, ସେ ବସ୍ତୁ, ମୁହିଁ ବାଦ୍ୟ ସେ ବାଦକ
ଖୋଜେ ସେହି ମୋ ଜୀବନ ରଥର ବାହକ ।

(କବିତା-ଜୀବନ ତାରକା)

## ୮. ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା :-

ଆଗେପଛେ, ଊର୍ଦ୍ଧ୍ୱେ, ଅଧେ ବାମେ ଓ ଡାହାଣେ,
ପ୍ରଣମେ ମୁଁ ଓତପ୍ରୋତ ସେ ଶ୍ୟାମ ଚରଣେ,
ଛାୟାପଥ ଯା ବକ୍ଷର ଶୁଭ୍ର ବନମାଳ,
ନ ହେବ କେ ଗୋପୀ, ସବୁ ସଂପି ତା ଚରଣେ ।

(କବିତା - ଶ୍ରୀକୃଷ୍ଣ)

## ୯. ଭଗବାନ ସର୍ବବ୍ୟାପୀ :-

ଭଗବାନ ବିରାଜିତ ପ୍ରତି ଲୋକାଳୟେ
ଘର ଛାଡ଼ି କିମ୍ପା ଧାଇଁଥିଲି ହିମାଳୟେ । (କବିତା - ଦୂର ଓ ନିକଟ)

## ୧୦. ଆତ୍ମସନ୍ଧାନ ପାଇଁ :-

ଗନ୍ଧଲୋଭେ ଧାଇଁଧାଇଁ ବାଟେ ଅବାଟରେ,
ଆଜି ଅନୁଭବେ ଅଛି ମହାର୍ଘ କସ୍ତୁରୀ,
ମୋର ନିଜ ଅନ୍ତଃସ୍ଥଳେ, ବୃତ ରହସ୍ୟରେ
ଜାଣି ମଧ୍ୟ ଭୁଲିଥିଲି ଯା ଗନ୍ଧ ମାଧୁରୀ । (କସ୍ତୁରୀ ମୃଗ)

## ୧୧. ଭାରତର ମହ□ ପାଇଁ :-

ଅହରହ ରଖ ତବ ଚେତନା ଜାଗ୍ରତ
ଦୃଢ଼ ପଦେ ଠିଆ ହୁଅ ଆପଣା ମାଟିରେ
ତାପରେ ବଢ଼ାଇ ତବ ଜ୍ଞାନ - ହସ୍ତ - ଶତ
ଆହର୍ଯ୍ୟ ଯା ଘେନି ଆସ ଯହିଁ ପୃଥିବୀରେ ।

(ରହ ଭାରତୀୟ)

**୧୨. ଅତୀତର ସ୍ମୃତିରୁ ମୁକ୍ତି ପାଇଁ :-**

ଛାଡ଼ିଯାଅ ମତେ ଛାଡ଼ିଯାଅ
ହେ ମୋର ଅତୀତ, ଦୈନ୍ୟ ବି□
ସବୁ ଘେନି ତମେ ଫେରିଯାଅ,
ହେ ଅତୀତ, ମତେ ଛାଡ଼ିଯାଅ ।
(ହେ ଅତୀତ ! ଧୀରେ ଚାଲିଯାଅ)

**୧୩. ବୋଇତ ବାଣିଜ୍ୟର ମହ□୍ୱ ପାଇଁ :-**

ସାଧବ ପୁଅ କୁଆଡ଼େ ଯାଅ
ହୋଇ ଦରିଆ ପାରି,
ତୁମ ବୋଇତେ ନେବ କି ମତେ
ଯିବି ମୁଁ ଘର ଛାଡ଼ି ।
କାଟି ଲହଡ଼ି, ବୋଇତ ମାଡ଼ି
ଚାଲିବ ସମୁଦ୍ରରେ
ଧବଳ ରାଜହଂସ ସଦୃଶ
ନୀଳ ଆକାଶ ତଳେ । (କବିତା – ସାଧବ ପୁଅ)

**୧୪. ଆପଣା ବସ୍ତୁର ସୁରକ୍ଷା ପାଇଁ :-**

ଜିଇଁ ଥାଉ ଥାଉ ଆପଣା ଦରବ
ନରଖି ପାରଇ ଯେହୁ,
ପୋଡ଼ିଯାଉ ତାର ମଣିଷ ପଣିଆ
ଜିଇଁ ମରିଥାଏ ସେହୁ । (କବିତା – ଶୁକ ଦେଈ)

## ୧୫. ଉତ୍କଳୀୟ ପ୍ରକୃତିର ବର୍ଣ୍ଣନା :-

ହାୟରେ ଉତ୍କଳ ଭୂମି ପ୍ରକୃତି ସୁନ୍ଦର
ମନ୍ଦାକିନୀ ସମ ନଦୀ ଶିବ ସମ ଗିରି ।
(ମହାନଦୀରେ ଜ୍ୟୋସ୍ନା ବିହାର)

## ୧୬. ତୁମକୁ କରେ ନମସ୍କାର :-

ତୁମେ ଇ ଦିଅ  ତୁମେ ଇ ନିଅ
ବୃଥା ଏ ଜୀବର ଅହଂକାର,
ବିଶ୍ୱ ଲୀଳାର ଦୁଷ୍ଟ ଶିଶୁ
ତୁମକୁ କରେ ନମସ୍କାର ।
ନମସ୍କାର ଚରଣ ତଳେ,
ଅର୍ଘ୍ୟ କେବଳ ଅଶ୍ରୁଧାର ।  (କବିତା- ଦୁଃଖ ଦିଅ)

## ୧୭. ସାର୍ବଜନୀନ ଅଭିଜ୍ଞତା :-

ରୋପିଲି ଲତା, ଦିଏ କୁସୁମ ଗନ୍ଧ
କୁଟୀର ବାତାୟନେ ରହିଛି ଛନ୍ଦ ।
ରୋପିଲି ବୃକ୍ଷ, ଦିଏ ଛାୟା ଶୀତଳ,
ରତୁରେ ଅ□ଭରି ଢାଳଇ ଫଳ ।
ପାଳିଲି ପଶୁ ଏକ ମୂକ ସେ ପ୍ରାଣୀ
ଶୁଝଇ ସ୍ନେହ ମୋର ହୃଦୟ ଜାଣି ।
ପାଳିଲି ନର ଏକ ପରମ ସ୍ନେହେ,
ଗଲା ସେ ପଦାଘାତ ଦେଇ ଏ ଦେହେ ।
(କବିତା - ଜୀବ ଅକୃତଜ୍ଞ)

## ୧୮. ହୁଅନ୍ତା ଏ କି ଧରିତ୍ରୀ ସ୍ୱର୍ଗ :-

ଆଶା ମୋର, ଏ ଧରଣୀ ଆଚମ୍ବିତେ କେଉଁ ମନ୍ତ୍ର ବଳେ,
ନନ୍ଦନ ହୁଅନ୍ତା ପୁଣି କାହା କର ଯାଦୁ ପରଶରେ ।
ଝରିଆଡ଼େ ଝରୁଥାନ୍ତା ମଲ୍ଲୀ, ଚମ୍ପା, କୁନ୍ଦ, ଶେଫାଳିକା,
ଗୋଲାପ କଳିକା
ଶ୍ୟାମ, ଶୁକ, ପୁଂସ୍କୋକିଳ ଗାଉଥାନ୍ତେ ଆନନ୍ଦ ହରଷେ ।

(କବିତା - ଉ□ରଳ ଯୌବନ)

## ୧୯. ଦେଶପ୍ରେମର ସୌରଭ :-

ନିଜସ୍ୱାର୍ଥ ଭୁଲିଯିବି ଦେଶ ହିତ ପାଇଁ
କଉଣସି ଦେଶ କାମେ ଠକ ହେବି ନାହିଁ,
ଯାହା ପଡ଼ିବ ମୋ ଭାଗେ,
କରିବି ତା' ନିଜ କାମ ପରି ଅନୁରାଗେ ।

(କବିତା - ବାପୁଜୀଙ୍କ ଶିଷ୍ୟ)

## ୨୦. ପ୍ରଭୁ ! ତୁମେ ଅଛ କାହିଁ :-

ହେ ଅଜ୍ଞାତ ସଖାମମ, ଅଛ ତୁମେ କାହିଁ ?
ଦିଅ ମୋରେ ତବ ସ୍ପର୍ଶ, ପ୍ରଣୟ କୋମଳ,
କ୍ଲାନ୍ତ ମୁଁ, ସଂଧାନେ ମୋର ଆଉ ଶକ୍ତି ନାହିଁ,
ତୁମକୁ ନ ପାଇ କିନ୍ତୁ ଜୀବନ ବିଫଳ ।

(କବିତା-ଏକାନ୍ତ ଏକାକୀ)

❑❑



# କବି ସଚ୍ଚି ରାଉତରାୟ

ଜନ୍ମ : ୧୯୧୬ ମସିହା

ମୃତ୍ୟୁ : ୨୦୦୪ ମସିହା

ପିତା : ପ୍ରସନ୍ନ କୁମାର ରାଉତରାୟ

ମାତା : ମୁକ୍ତାମାଳୀ ଦେବୀ

ଜନ୍ମସ୍ଥାନ : ଖୋର୍ଦ୍ଧାର ଗୁରୁଜଙ୍ଗ ଗ୍ରାମ

ପଦ୍ୟରଚନା ସମ୍ଭାର : ପାଥେୟ, ପୂର୍ଣ୍ଣିମା, ପଲ୍ଲୀଶ୍ରୀ, ପାଣ୍ଡୁଲିପି, ହସନ୍ତ, ଭାନୁମତୀର ଦେଶ ଇତ୍ୟାଦି ଇତ୍ୟାଦି ।

**୧.ଜନ୍ମ ମାଟି ପ୍ରତି ଅସୀମ ମମତା :-**

ଛୋଟ ମୋର ଗାଆଁଟି
ଭୂଗୋଳପୋଥି ପତରେ ପଛେ
ନ ଥାଉ ତାର ନାଆଁଟି ।
ତାହାରି ଜଳ ରକତ ହୋଇ
ଶିରାରେ ବହେ ଯେସନ ନଈ

ନିଃଶ୍ୱାସେ ମୋର ତାହାରି ବାୟୁ
    ଚଳାଏ ପ୍ରାଣ ନାହାଟି ।
    ଛୋଟମୋର ଗାଆଁଟି ।
ତାହାରି ଲଟା ତାହାରି ବଣ,
ତା' ଗାଈ ଗୋଠ ମୁରଲୀ ସ୍ୱନ,
ଫସଲ କଟା ମଧୁର ଗାନ
    ସକଳ ମୋର ସାହାଟି,
    ଛୋଟ ମୋର ଗାଆଁଟି ।

xxxxx

ଆଲୁଅ ତା'ର କି ମନୋହର
ଅନ୍ଧକାର ତା'ଠାରୁ ଭଲ
ଜୀବନ ପଥେ ସକଳ ତା'ର
    ଫିଟାଏ ନୂଆ ରାହାଟି ।
    ଛୋଟ ମୋର ଗାଆଁଟି ।

xxxxx

ଏସବୁ କଥା ଛବିଟି ପରି
ପ୍ରବାସେ ମନେ ଉଠଇ ଜଳି ।
ଇଛାହୁଏ ମାଟିରେ ତା'ର
    ଶିରଟି ଥରେ ନୁଆଁନ୍ତି ।
    ଛୋଟ ମୋର ଗାଆଁଟି ।

(କବିତା–ଛୋଟ ମୋର ଗାଆଁଟି)

## ୨. ଭିନ୍ନ ଦୃଷ୍ଟିରେ କଳାର କୋଣାର୍କ :-

ତୁମେ ଦେଖିଅଛ ଶିଳାରେ ତା'ର ତ
ରମ୍ୟ କଳାର ରୂପ
ମୁଁ ଦେଖିଛି ତହିଁ କୋଟି କଙ୍କାଳ
ଭଗ୍ନ ବୁକୁର ସ୍ତୂପ ।

xxxxx

ସେଠି ଅଛି ଖାଲି ଫୁଲର ଫସଲ
ସପନର ନୀଳ ଢ଼େଉ
ହୀରାର ସୂର୍ଯ୍ୟ ପାହାନ୍ତି ପହରେ
ପ୍ରଣାମ ତା ନେଉ ନେଉ
କହିଯାଏ ଧରା କାନେ
ଜୀବନର ଯେତେ କ୍ଷତ ଅପମାନ
ଗାଇ ନାଇ କି ଏ କାନେ
ରମ୍ୟ କଳାର ଲୀଳା
କିଛି ତ କହିନି ମଣିଷର କଥା
କହିବାର ଯାହାଥିଲା । (କୋଣାର୍କ)

## ୩. ଶିଳ୍ପୀଙ୍କ ପ୍ରତି ଗଭୀର ସମବେଦନା :-

ମୁଁ ଦେଖିଛି ସେଇ ଶିଳାର କବରେ
କେତେ କାରିଗର ଛାତି,
ତିଳେତିଳେ ହାୟ ଲଭିଲା ସମାଧି
ସହିଲା କଷଣ ତାତି ।
କେତେ ଯେ ବଢ଼େଇ, ମିସ୍ତ୍ରୀ, କମାର
ଶୋଣିତ ଗଳାରେ ମିଳି ।
ସାଗରର ଲୁଣି ପାଣି ସେ କଥାକୁ
ଲୁଣପରି ଦେଲା ଗିଳି

xxxxx

କେତେ କ୍ଷୁଧାତୁର ମଣିଷ ଖାଇଛି
କ୍ଷୁଧାରେ ସେ ଦିନ ମାଟି,
ରମ୍ୟ କଳାର ଦରବାରେ ତାର
କିଛି ନାଇଁ ପରିପାଟୀ
ନାଇଁ ତା ଚରଣ ଲିପି,
ଶିଳ୍ପ ରହିଚି, ନାଇଁନାଇଁ ସେଠି, କଳାକାର ବା ଶିଳ୍ପୀ ।

(କବିତା -କୋଣାର୍କ)

## ୪. ଈଶ୍ୱରଙ୍କୁ ମାଗୁଣି :-

ତେଣୁ ମାଗେ ଈଶ୍ୱରଙ୍କୁ ବର
ମହାଶୟ ! ପ୍ରାତ୍ୟହିକ ଏଇ ଜୀବନର
ସରଳ ରେଖାର ସଙ୍ଗେ କାମନା ମୋ ସମାନ୍ତରାଳ
ନ ହେଲା ତ ନୋହୁ ପଛେ, ତାହା ସଙ୍ଗେ ରଚୁ ସମକୋଣ
କରୁ ତାକୁ ବିଦ୍ଧ, ଦ୍ୱିଖଣ୍ଡିତ,
ଅଥବା ହୋଇଯାଇ ଶତଧା ବିଭକ୍ତ, ଆଘାତେ ଜର୍ଜ୍ଜିତ ।

(କବିତା-ଭାରସାମ୍ୟ)

## ୫. ସ୍ୱାଧୀନତାର ମହ□ :-

ପ୍ରାଣଠାରୁ ବଳି ସ୍ୱାଧୀନତା
ପ୍ରିୟଠାରୁ ପ୍ରିୟତର ଅତି ବଡ଼ ସେ ଯଥା ଜନତା ।
ସକଳର ପ୍ରାପ୍ୟ ତାହା ସବୁରିର ତାହାହିଁ ତ ଇଷ୍ଟ
ନୁହେଁ ତାହା ଅମେରିର, ହାତ ଟେକା କରୁଣ ଉଚ୍ଛିଷ୍ଟ ।
ନୁହେଁ ତାହା ଦୟା କାର, ତାହା ନୁହେଁ କାହାରିଠୁ ଭିକ୍ଷା
ଜନତାର ଜୟଟୀକା ଦେଶର ସେ ଚରମ ପରୀକ୍ଷା ।

---

ଅମେରି = ତତ୍କାଳୀନ ବ୍ରିଟିଶ ସାମ୍ରାଜ୍ୟର ସେକ୍ରେଟାରୀ ଅଫ ଷ୍ଟେଟ ଫର ଇଣ୍ଡିଆ ।

## ୬. ନୂଆ ମଣିଷର ସ୍ୱର :-

ମୁଁ 'ସଚ୍ଚି ରାଉତରାୟ'
(ନୁହେଁ ଟାଗୋର ବା ଶେଲୀ)
ମୁଁ ଏଇ ମାଟିର ଧରା,
ଆଉ ଆକାଶର କବି,
କାମ ନୁହେଁ ମୋ ଖାଲି ଆଙ୍କିବା କାଗଜରେ ଛବି ।
ପେଶାଦାର ଗାୟକ ମୁଁ ନୁହେଁ,
ତୁମେ ମୋର ଛାପା ବହି ଯେତେବେଳେ ଛୁଅଁ,
        ଛୁଅଁ ନୂଆ ମଣିଷର ଛାତି ।
ଏଇ ପୃଥିବୀର ସବୁ ମଣିଷ ଜାତି,
ତା'ର ପ୍ରତିଟି ଖବର,
ରୂପ ପାଏ କବିତାରେ ମୋର । (କବିତା- ରାଜଜେମା)

❑❑



## କବି ପଦ୍ମଚରଣ ପଟ୍ଟନାୟକ

ଜନ୍ମ : ୧୮୮୫ ମସିହା
ମୃତ୍ୟୁ : ୧୯୫୬ ମସିହା
ଜନ୍ମସ୍ଥାନ : ଖୋର୍ଦ୍ଧା, ପା□ଗାଁ
ପଦ୍ୟରଚନା ସମ୍ଭାର : ଗୋଲାପଗୁଚ୍ଛ, ପଦ୍ମପାଖୁଡ଼ା, ସୂର୍ଯ୍ୟମୁଖୀ, ଆଶାମଞ୍ଜରୀ, ଇତ୍ୟାଦି ।

### ୧. ଭଗବାନଙ୍କ ମହିମା ଗାନ :-

କିଏ ତୁମ୍ଭେ ବସି ଚନ୍ଦ୍ରମଣ୍ଡଳରେ
ତୁନି ତୁନି କହ କଥା,
ସାତ ପରସ୍ତର ବାୟୁରାଶି ଭେଦି
ପ୍ରାଣେ ଆଣେ ନବ ବ୍ୟଥା ?

ଇନ୍ଦ୍ରଧନୁ କୋଳେ କିଏ ତୁମେ ବସି
ଦୋଳି ଖେଳ ଗୀତ ଗାଇ
ଦୂର ରାଇଜର ସେ ମଧୁର ଗୀତ
ଯାଏ ମୋ ପରାଣ ଛୁଇଁ ?

ଯାହା ମୁଁ ଦେଖୁଛି ତାହା କାହା କାୟା
ଅବା କାୟା ରୂପୀ ଛାୟା,
ବୁଝିଲି ମୁଁ ଏବେ ଚାରିଦିଗେ ମୋର
ତୁମ୍ଭରି ମୋହିନୀ ମାୟା ?
(କବିତା- କିଏ ତୁମ୍ଭେ)

## ୨. ହେ ପ୍ରଭୁ ! ତୁମେ ମୋର ମୁଁ ତୁମର :-

କେଉଁ ଦେଶେ ଅଛ ପରାଣର ବନ୍ଧୁ
କେଉଁ କୁଞ୍ଜେ ଅଛ ବଢ଼ି ?
ରହିଛ କି ତୁମେ ବସନ୍ତ କୁସୁମ
ଅବା ମଧୁମାସ କଢ଼ି ?
କୁସୁମେ କେଶର ରୂପେ ଶୋଭୁଅଛ
ଅବା କେଶରରେ ମଧୁ ?
ଯହିଁ ତହିଁ ଥାଅ, ଦେଖେ ବା ନ ଦେଖେ
ତୁମେ ମୋ ପରାଣ ବନ୍ଧୁ ।
× × × × × ×
ଗୋଧୂଳି ଗଗନେ ତାରାଟିଏ ବସି
ନଦୀ-ବକ୍ଷ-ଦରପଣେ,
ନିଜ ମୁଖ ଶୋଭା ନିଜେ ଦେଖି ହସେ
କିବା ଭାବି ମନେ ମନେ ।
× × ×

ରାକା ରଜନୀରେ ନିଶୀଥ ଗଗନେ
ଶଶିକରେ ରାଜପଣ,
ବଉଦ ସଙ୍ଗରେ କେତେ ଲୁଚକାଳି
ଖେଳି ହରୁଥାଏ ମନ।

` ` `

ଦରିଦ୍ର କୁଟୀରେ ରଚି କୁଶଶଯ୍ୟା
ବିଶ୍ରାମ ଲଭିବା ଆଶେ,
ଶୋଇଥାଏ ଯେବେ କେତେକଥା କାହୁଁ
ଆସେ ବେଗେ ମୋର ପାଶେ।

ସେସବୁ ସଙ୍ଗରେ ବେଳେବେଳେ ବନ୍ଧୁ
ତୁମ୍ଭେ ଆସି ଦିଅ ଦେଖା,
ଦେଖା ସଙ୍ଗେ ସଙ୍ଗେ କେତେ ସ୍ମୃତି ଚିତ୍ର
ହୁଏ ମୋ ହୃଦୟେ ଲେଖା।

(କବିତା – କେଉଁଦେଶେ ଅଛ ?)(ପଦ୍ମପାଖୁଡ଼ା ପୁସ୍ତକରୁ)

## ୩. ସୈନିକର ଶେଷ ଚିନ୍ତା :-

ମୋ କୁଟୀରଲକ୍ଷ୍ମୀ ସତୀ ଗୋଲାପ ସୁନ୍ଦରୀ,
ଜୀବନ ବଲ୍ଲଭା ପ୍ରାଣପ୍ରିୟା ସହଚରୀ,
ସୁଖେ–ଦୁଃଖେ ଛାୟା ପରି ଥିଲୁ ଅନୁସରି
ମୁହୂ୍କ ଅଦର୍ଶନ ମଣୁ ଯୁଗ ସରି।

× × ×

କି କହିବି କି ଲେଖିବି, ବକ୍ଷ ଯାଏ ଫାଟି
ଆସିଲି ସମରେ ତୋର ମାୟା ଡ଼ୋର କାଟି।

× × ×

ବଡ଼ ଆଶା ଥିଲା ମନେ, ଯୁଦ୍ଧରୁ ବାହୁଡ଼ି
ପ୍ରବାସୀ ବିହଙ୍ଗ ପରି, ଯିବି ଦେଶେ ଉଡ଼ି
ବସିବି ତୋ ପାଖେ ସଖୀ, ଯିବ ସବୁ ଦୁଃଖ,
ପୁଣି ଥରେ ଦେଖିବି ତୋ ହସ ହସ ମୁଖ ।

× × ×

ଏତିକି ବାଧୁଛି ପ୍ରାଣେ ତୁ ରହିଲୁ ଦୂରେ,
ଯିବାକୁ ପଡ଼ିଲା ମୋତେ ଏଠି ଯମପୁରେ !
କେତେକାଳୁ ଏହି ଆଶା ପୋଷିଥିଲି ମନେ
ତୋ କୋଳେ ମୁଦିବି ନେତ୍ର ଅନ୍ତିମ ଶୟନେ।

ସେ ସଉଭାଗ୍ୟ ଏ ଜୀବନେ ନ ଲେଖିଲା ବିଧି,
କେତେ ଦୂରେ ରହିଲୁ ତୁ ମୋ ଲାବଣ୍ୟ ନିଧି
କେତେ ଦୂରେ ରହିଲେ ମୋ ନୟନ ପିତୁଳି
କେତେ ଦୂରେ ରହିଲା ମୋ ସେ ଆନନ୍ଦପୁରୀ ।

× × ×

ମରଣର ପରପାରେ ନବ ବେଶଧରି
ପ୍ରାଣେ ସେହି ସ୍ମୃତି ସେହି ପୁଣ୍ୟତୃଷ୍ଣା ଧରି,
ସେ ଅତୃପ୍ତ ବାସନାକୁ କରି ଗଣ୍ଠି ଧନ
ଅନାଇ ବସିବି ତୋତେ ଜୀବର ଜୀବନ।

(କବିତା – ପ୍ରବାସୀ ସୈନିକର ଶେଷ ଚିନ୍ତା)

(ପଦ୍ମପାଖୁଡ଼ା ପୁସ୍ତକରୁ)

## ୪. କବିଙ୍କର ଖୋର୍ଦ୍ଧା ଦର୍ଶନର ସ୍ମୃତି :-

କି ଭୂମିରେ ଆଜି ଦେଲି ମୋର ପାଦ
କି କଲି କି କଲି କେଡ଼େ ଅପରାଧ ।
ଯେ ସେ ଭୂମି ନୁହେଁ ଏହି କ୍ଷୁଦ୍ର ସ୍ଥାନ,
କେଡ଼େ ସୁଦିନର ଗୌରବ ଶ୍ମଶାନ !
ଯହିଁ ଟେକି ଦେଲେ ଟେକାଖଣ୍ଡେ ଏଥି
ମିଳିଯିବ ବୀର ଅସ୍ଥି ମେଦ ଗ୍ରନ୍ଥି ।
ପ୍ରତି ରେଣୁ ସଙ୍ଗେ ବୀରର ଶୋଣିତ
କାଳେ କାଳେ ଏଥି ରହିଛି ଲେପିତ,
ପ୍ରତି ଟାଙ୍ଗି ତୋଟା ପୁରାଣ ଦ୍ରୁମରେ
ଲକ୍ଷ୍ୟଭେଦ ଚିହ୍ନ ରାଜଇ ଭାସ୍ୱରେ ।
ଶାଳପ୍ରାଂଶୁ ବୀର ପାଇକ ପ୍ରଧାନ,
ଏବେ ଏଥି କରେ ପୂର୍ବ କୀ□ଗାନ ।
ପକ୍ୱ ଗାଲମୁଚ୍ଛ ତଳେ କର ରଖି
ବରୁଣେଇ ନୀଳ ଶଇଳ ନିରେଖି ।
ତେଜି ଦୀର୍ଘଶ୍ୱାସ କେତେ ପରକାରେ
କେତେ ପୂର୍ବକୀ□ ପୂର୍ବ ସ୍ମୃତି ଝୁରେ,
ଛାମୁଙ୍କ ବୀରତ୍ୱ, ସାମନ୍ତଙ୍କ ଟାଣ,
ଥାଟରାଜଙ୍କର ଅବ୍ୟର୍ଥ ନିଶାଣ,
ଜେମାଙ୍କ ମୃଗୟା, ଅଶ୍ୱ ସ□ାଳନ ।
ବ୍ୟାଘ୍ର ବନ୍ୟ ମୃଗେ ତୀବ୍ର ଆକ୍ରମଣ
ଶତ ଶିଳ୍ପକଳା-କୌଶଳେ କୁଶଳା,
ମ□ୖ୍ୟ ଅବତୀର୍ଣ୍ଣା ସାକ୍ଷାତେ କମଳା ।

(କବିତା - ଖୋରଧା ପ୍ରଥମ ଦର୍ଶନେ)(ପଦ୍ମପାଖୁଡ଼ା ପୁସ୍ତକରୁ)